ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୪ ଜୁନ୍, ୨୦୨୩



# ରାସ୍ତା ନିର୍ମାଣ ନାଁରେ ଟଙ୍କା ଚଳୁ ଉଦ୍ୟମ

**ରଗଡ଼ି-କେନ୍ଦୁଝର ଭାୟା କଡ଼ମା ରାସ୍ତା**

- ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପ୍ରୀତି
- ଭିଜିଲାନ୍ସ ତଦନ୍ତ ଦାବିକଲେ ଅଞ୍ଚଳବାସୀ


ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି ।

**କୋରେଇ,୧୩।୬(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ୍ ଅଧୀନ ପଛିକୋଟ ପଞ୍ଚାୟତର ପାଣିକୋଇଲି-ରଗଡ଼ି ପୂର୍ତ୍ତ ବିଭାଗ ରାସ୍ତାଠାରୁ କେନ୍ଦୁଝର ସୀମା ଭାୟା କଡ଼ମା ୭.୦୩ କି.ମି. ରାସ୍ତା ନିର୍ମାଣ ନାଁରେ ଟଙ୍କା ଚଳୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ସମ୍ପ୍ରସାରଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୨ କୋଟି ୬୪ ଲକ୍ଷ ଟଙ୍କାର ଅନୁଦାନ ବରାଦ ହେବା ସହ ଜଣେ ଠିକାଦାରଙ୍କୁ କାମର ଟେଣ୍ଡର ମିଳିଥିଲା। ମାତ୍ର କୌଣସି କାରଣରୁ କାମ ୨ ବର୍ଷ ବିଳମ୍ବ ହୋଇଥିଲେ ମଧ୍ୟ ଚଳିତ ବର୍ଷ ଠିକାଦାର ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ରାସ୍ତା ନିର୍ମାଣ ପ୍ରାରମ୍ଭରୁ ଜମି ଅଧିଗ୍ରହଣକୁ ନେଇ ସମସ୍ୟା ଦେଖାଦେଇଥିଲା। ଠିକାଦାର ବ୍ୟାସନଗର ତହସିଲର ବିନା ଅନୁମତିରେ ମା' କାମୁଡ଼େଇ ନିକଟରେ ଥିବା ସରକାରୀ ଜମିରୁ ରାସ୍ତାର ମୂଳଦୁଆ ପାଇଁ ବିପୁଳ ମୋରମ ସଂଗ୍ରହ କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା। ହେଲେ ଏହି ଘଟଣା ଚପିଯାଇଥିଲା। ଫଳରେ ସରକାର ପ୍ରାୟ ୨୦ ଲକ୍ଷ ଟଙ୍କାର ରାଜସ୍ୱ ହରାଇଥିବା ଆକଳନ କରାଯାଇଥିଲା। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଚାଷଜମିଗୁଡ଼ିକରୁ ମାଟି ତାଡ଼ିନେବା ଫଳରେ ଲଗାଣ ବର୍ଷା ହେଲେ ରାସ୍ତାର ମୂଳଦୁଆ ଧୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ତାଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ଧମକଚମକ ଦେଇ ଜମିରୁ ମାଟି ସଂଗ୍ରହ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି।

ବିଭାଗ ପକ୍ଷରୁ ୬.୮୦୦ ମିଟର ପିଚୁ କାମ ପାଇଁ ୫ କୋଟି ୮୪ ଲକ୍ଷ ୮୭ ହଜାର ଟଙ୍କାର ବିଲ୍ ଅନୁମୋଦନ ହୋଇଥିବାବେଳେ ୫୦୦ ମିଟର କଂକ୍ରିଟ କାମ ପାଇଁ ୪୯ ଲକ୍ଷ ୭ ହଜାର ଟଙ୍କାର ଅଟକଳ ବରାଦ ହୋଇଛି। ସେହିପରି ୩ କଲଭର୍ଟରେ ୧୨୦୦ ମିଟର ଷ୍ଟୋନ୍ ପ୍ୟାକିଂ ପାଇଁ ୬୪ ଲକ୍ଷ ୩ ହଜାର, ରେଟେନିଂ ୱାଲ ୬୦୦ ମିଟର ୬୧ ଲକ୍ଷ ୩୬ ହଜାର, କ୍ରସ୍ ଡ୍ରେନେଜ ଷ୍ଟ୍ରକଚର ଏବଂ ୩ କଲଭର୍ଟ ନିର୍ମାଣ ବାବଦରେ ୨ କୋଟି ୭୨ ଲକ୍ଷ ୧୩ ହଜାର, ୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୫୧ ଲକ୍ଷ ୬୭ ହଜାର ଏଥିସହିତ ଜମି ଅଧିଗ୍ରହଣ ପାଇଁ ୨୩ ଲକ୍ଷ ଏବଂ ଅନ୍ୟାନ୍ୟ ମରାମତି ୨୫ ଲକ୍ଷ ୨୭ ହଜାର ଟଙ୍କା ବରାଦ ହୋଇଛି। ମାତ୍ର ଠିକାଦାର ସେହି କାମ ନିମ୍ନମାନର କରୁଥିବା ଅଭିଯୋଗ ହୋଇଛି। ପୁରୁଣା ପିଚୁ ନ ଖୋଳି ପୂର୍ବରୁ ଥିବା ମେଟାଲ ଓ ଆରମ୍ଭରୁ ଶେଷ ଯାଏ ଅତ୍ୟାଧିକ ଡଷ୍ଟ ସାହାଯ୍ୟରେ ସେହି ରାସ୍ତାର ନିର୍ମାଣ କାର୍ଯ୍ୟ ହୋଇଛି। ଏଷ୍ଟିମେଟ୍ ଅନୁଯାୟୀ ସିମେଣ୍ଟ, ବଜୁରି ଓ ଚିପ୍ସ ଦିଆଯାଇନାହିଁ। ଆବଶ୍ୟକ ପାଣି ଦେଇ ରୋଲିଂ ନ କରି କେବଳ ଡଷ୍ଟ ଓ ସାମାନ୍ୟ ବଜୁରି ଦେଇ ରାସ୍ତାର ମୂଳଦୁଆ ତିଆରି ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାର ପ୍ରଥମରୁ ଶେଷ ଯାଏ ନିର୍ଦ୍ଧାରିତ ଅନୁଯାୟୀ ମୋଟେଇ ହୋଇନାହିଁ। ଫଳରେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ରାସ୍ତା ନଷ୍ଟ ହୋଇଯିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଚାଷୀଙ୍କ କ୍ଷତିପୂରଣ ପାଇଁ ୨୩ ଲକ୍ଷ ଟଙ୍କା ବରାଦ ହୋଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି। ମାତ୍ର ଠିକାଦାର ଏବଂ ଅଧିକାରୀ ମିଶି ଏହି ଅର୍ଥକୁ ମଧ୍ୟ ଆତ୍ମସାତ୍ କରିଥିବା ଚର୍ଚ୍ଚା ହେଉଛି। କାମ ଚାଲୁଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ମଧ୍ୟ ଉପସ୍ଥିତ ରହୁନାହାନ୍ତି। ଯେନତେନ ପ୍ରକାର କାମ କରି ଠିକାଦାର ଓ ବିଭାଗୀୟ ଅଧିକାରୀ ମିଳିମିଶି ଅନୁଦାନ ରାଶି ଚଳୁ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ କୋଟିକୋଟି ଟଙ୍କାରେ ନିର୍ମିତ ଏହି ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାରେ ବ୍ୟାପକ ଦୁର୍ନୀତି ହୋଇଥିବାବେଳେ ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ବାସ୍ତବ ସତ୍ୟ ପଦାକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ମୁଁ ବ୍ୟକ୍ତିଗତ ଭାବେ ରାସ୍ତାର ପ୍ରଥମରୁ ଶେଷ ଯାଏ ଯାଞ୍ଚ କରିଛି। ଯେଉଁଠି କାମ ଠିକ୍ ହୋଇନାହିଁ ସେଠାରେ ଠିକ୍‌ରେ କାମ କରିବାକୁ ଠିକାଦାରଙ୍କୁ ତାଗିଦ କରିଛି ବୋଲି ମତ ରଖିଛନ୍ତି।

# ମୁଖ୍ୟ ରାସ୍ତା ପାଲଟିଛି ନର୍ଦ୍ଦମା

**ଜବରଦଖଲରେ ଡ୍ରେନ୍**

**ଛତିଆ,୧୩।୬(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ପଞ୍ଚାୟତ ୧୨ନଂ. ୱାର୍ଡ ଇଚ୍ଛାନଗର ପାଟଣା ଗ୍ରାମର ମୁଖ୍ୟରାସ୍ତା ନର୍ଦ୍ଦମାରେ ପରିଣତ ହୋଇଛି। ଫଳରେ ପଞ୍ଚାୟତର ଏହି ମୁଖ୍ୟ ରାସ୍ତା ଏବେ ସ୍ଥାନୀୟ ବାସିନ୍ଦାଙ୍କ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହେବାକୁ ବସିଛି। ଏହି ରାସ୍ତାର ଡ୍ରେନ୍ ଅଛି ସତ, ହେଲେ କିଛି ଅଂଶ ପୋତିହୋଇଯାଇଛି। ଆଉ କିଛିକୁ କେତେଜଣ ଲୋକ ଜବରଦଖଲ କରିଛନ୍ତି। ଫଳରେ ନର୍ଦ୍ଦମାପାଣି ଡ୍ରେନ୍‌ରେ ନ ଯାଇ ରାସ୍ତାରେ ଜମି ରହୁଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏନେଇ ଲୋକେ ବାରମ୍ବାର ସରପଞ୍ଚଙ୍କୁ ଲିଖିତ ଆକାରରେ ଜଣାଇବା ସତ୍ତ୍ୱେ ସେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଆସନ୍ତା ସପ୍ତାହରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବ। ତେଣୁ କୋମଳମତି ଶିଶୁ କିପରି ପାଠ ପଢ଼ିବେ ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ। ଅନ୍ୟପକ୍ଷରେ ମଶାଙ୍କ ଉପଦ୍ରବ ମଧ୍ୟ ନର୍ଦ୍ଦମା ପାଇଁ ବଢ଼ିଚାଲିଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଲୋକେ ବିଭିନ୍ନ ରୋଗର ଶିକାର ହେବା ଭୟ ବି ସ୍ଥାନୀୟ ବାସିନ୍ଦାଙ୍କୁ ଘାରିଛି। ତେଣୁ ତୁରନ୍ତ ଉକ୍ତ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବାକୁ ଦାବି ହେଉଛି। ଏ ସମ୍ପର୍କରେ ସରପଞ୍ଚ ରମେଶ ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ଡ୍ରେନ୍‌କୁ ଜବରଦଖଲ ମୁକ୍ତ କରାଗଲେ ସମସ୍ୟାର ସମାଧାନ ହୋଇପାରିବ।


ରାସ୍ତା ଉପରେ ନର୍ଦ୍ଦମା ଜଳ ପ୍ରବାହିତ ହେଉଛି ।

# ତହସିଲ ପକ୍ଷରୁ ୫ ଟ୍ରାକ୍ଟର, ଜେସିବି ମେଶିନ ଜବତ


ତହସିଲ ପକ୍ଷରୁ ଜବତ ହୋଇଥିବା ଗାଡ଼ି।

**ଧର୍ମଶାଳା,୧୩।୬(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ତହସିଲ ଅନ୍ତର୍ଗତ ସାରୋଇ ମୌଜାରେ ମଙ୍ଗଳବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ମାଟି ପରିବହନ କରୁଥିବା ୫ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଜବତ କରାଯାଇଛି।

ସାରୋଇ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ବିଲରେ ମାଟି ପକାଇବା ପାଇଁ ଏହି ମୌଜାରେ ଥିବା ଏକ ସରକାରୀ ଜମିରୁ ଜେସିବି ସାହାଯ୍ୟରେ ମାଟି ତାଡ଼ି ଟ୍ରାକ୍ଟର ଯୋଗେ ତାଙ୍କ ବିଲରେ ପକାଉଥିଲେ। ଏ ସମ୍ପର୍କରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ କେହି ଜଣାଇବା ପରେ ସେଠାରେ ଚଢ଼ାଉ କରିବାକୁ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫଳରେ ତହସିଲଦାର ଦାସ ନେଉଳପୁର ଆର୍‌ଆଇ ବିରଞ୍ଚି ନାରାୟଣ ବୋଇତେଇ ଓ ବଳରାମପୁର-୨ ଆର୍‌ଆଇ ଚନ୍ଦନ କୁମାର ସାହୁଙ୍କୁ ନେଇ ସେଠାରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସେଠାରେ କାମ କରୁଥିବା ଶ୍ରମିକ ଓ ଟ୍ରାକ୍ଟର ଡ୍ରାଇଭରମାନେ ଚମ୍ପଟ ମାରିବକୁ ଉଦ୍ୟମ କରିଥିଲେ। ତହସିଲଦାର ସେମାନଙ୍କୁ କାବୁ କରିବା ପାଇଁ ଧାଇଁଥିଲେ। ଏହି ସମୟରେ ସେଠାରେ ଥୁଆ ହୋଇଥିବା ଜେସିବି ମେଶିନ ତହସିଲଦାରଙ୍କ ଦେହରେ ବାଜିଥିଲା। ପରେ ତହସିଲଦାର ନିଜ ସହଯୋଗୀଙ୍କ ସହାୟତାରେ ୨ ଜଣ ଟ୍ରାକ୍ଟର ଡ୍ରାଇଭରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ଧର୍ମଶାଳା ପୋଲିସ ସହାୟତାରେ ସେଠାରୁ ୫ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଜବତ କରି ପୋଲିସ ଜିମା ଦେଇଥିଲେ। ଏନେଇ ତହସିଲ ପକ୍ଷରୁ ଟ୍ରାକ୍ଟର ମାଲିକମାନଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି।

# ରନ୍ଧନ ଗ୍ୟାସ୍ ଟାଙ୍କି ଲିକ୍‌ରୁ ଅଗ୍ନିକାଣ୍ଡ: ମହିଳାଙ୍କ ସମେତ ୨ ଶିଶୁ ଗୁରୁତର

**ଚଣ୍ଡିଖୋଲ,୧୩।୬(ପ୍ରଦୀପ୍ତ ପୃଷ୍ଟି):**

ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡ଼ା ପଞ୍ଚାୟତର ନୂଆସୁଙ୍ଗୁଡ଼ା ଗ୍ରାମରେ ମଙ୍ଗଳବାର ରନ୍ଧନ ଗ୍ୟାସ୍ ଟାଙ୍କି ଲିକ୍‌ରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ମହିଳାଙ୍କ ସମେତ ୩ ଶିଶୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଗ୍ରାମର ରେଣୁ ବରାଳ ରୋଷେଇ କରିବାକୁ ରୋଷେଇ ଘରକୁ ଯାଇଥିଲେ। ସାଥିରେ ତାଙ୍କର ଦୁଇ ନାତି ମଧ୍ୟ ଯାଇଥିଲେ। ସେ ରୋଷେଇ ଘରେ ଗ୍ୟାସରେ ଅଗ୍ନି ସଂଯୋଗ କରିବା ସମୟରେ ଗ୍ୟାସ ଲିକ୍ ହୋଇ ହଠାତ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଏଥିସହିତ ତାଙ୍କ ଦୁଇ ନାତିଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା। ଫଳରେ ସେମାନେ ଗୁରୁତର ହୋଇ ରୋଷେଇ ଘରୁ ବାହାରି ଆସିଥିଲେ। ପରିବାର ଓ ଗ୍ରାମବାସୀ ନିଆଁକୁ ଆୟତ କରିବା ସହ ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବି.ଏସ୍. ମୃତ୍ୟୁଞ୍ଜୟ


@ ବିନ୍ଦୁସାଗର


@ ମାନସ


@ ପୂର୍ଣ୍ଣପ୍ରଭା


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଠାଗାର ଭଲ ମଣିଷ, ଶକ୍ତ ଚିନ୍ତା ସୃଷ୍ଟି କରିଥାଏ

**ଅଖିଳଚକ୍ର ପକ୍ଷରୁ ମୋ ପାଠାଗାର ଉଦ୍‌ଘାଟିତ**

**ଯାଜପୁର ଅଫିସ, ୧୩।୬ (ହର୍ଷବର୍ଦ୍ଧନ ବେହେରା ):**

ପାଠାଗାର ଆନ୍ଦୋଳନ ଓ ପଠନ ଅଭ୍ୟାସକୁ ଉଜ୍ଜିବୀତ ପାଇଁ ଅଖିଳଚକ୍ର ଓଡ଼ିଶା ପକ୍ଷରୁ ତାଡଁତରାଠାରେ ମୋ ପାଠାଗାର ଉଦଘାଟିତ ହୋଇଛି। ଅଧ୍ୟାପକ ଅଜୟ ଓଝାଙ୍କ ସଭାପତିତ୍ୱ ଏବଂ ଅନୁଷ୍ଠାନର ଉପସଭାପତି ଶ୍ରୀହରି ଧଳଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ବିଞ୍ଝାରପୁର, ସିଂହପୁର, ଯାଜପୁର ଅଞ୍ଚଳର ବହୁ ଲେଖକ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ପାଠାଗାରରେ ୨ ହଜାର ଓଡିଆ, ହିନ୍ଦୀ ଭାଷାର ପୁସ୍ତକ ରଖାଯାଇଛି। ଏହା ଗ୍ରାମର ଶ୍ରେଷ୍ଠ ପାଠାଗାର ବୋଲି ଅତିଥିମାନେ କହିଥିଲେ। ସାମାଜିକ କର୍ମୀ ଶାନ୍ତନୁ ଧଳ ବରୁଣେଶ୍ୱରଙ୍କୁ ପ୍ରାର୍ଥନା କରି ପାଠାଗାରକୁ ଉଦଘାଟନ କରିଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଆଜିର ସମୟରେ ପାଠାଗାର ଲୋପ ପାଇଯାଉଥିବାବେଳେ, ପଠନ ପ୍ରତି ଯୁବ ପିଢୀଙ୍କ ସ୍ପୃହା ହ୍ରାସ ପାଉଥିବାରୁ ଅଖିଳଚକ୍ର ପକ୍ଷରୁ ମୋ ପାଠାଗାର ଆନ୍ଦୋଳନ ଆରମ୍ଭ କରାଯାଇଛି। ମନ୍ମଥ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପାଠାଗାର ଭଲ ମଣିଷ ଓ ଶକ୍ତ ଚିନ୍ତା ସୃଷ୍ଟି କରିଥାଏ। ସଞ୍ଜୟ ସାମଲ, ପୀତାମ୍ବର ସ୍ୱାଇଁ, ଶାନ୍ତାକାର ବେହୁରିଆ, ଅଧ୍ୟାପକ ମଣ୍ଟୁ ବଳିୟାର ସିଂହ, ସରୋଜ ମଲ୍ଲିକ, ଅଭୟ ଖୁଣ୍ଟିଆ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ପାଠାଗାରର ଉପାଦେୟତା, ଜୀବନ ଗଠନ ପାଇଁ ପ୍ରେରଣା ସୃଷ୍ଟି କରିଥାଏ ବୋଲି କହିଥିଲେ। ସଭାପତି ପ୍ରାଧ୍ୟାପକ ଅଜୟ ଓଝା ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି ହେବା ଏବଂ ଉତ୍ତର ପିଢ଼ିଙ୍କ ପାଇଁ ଆଜିର ଓ ପ୍ରାଚୀନ ପୁସ୍ତକଗୁଡିକୁ ସାଇତି ରଖିବା ଉଚିତ ବୋଲି କହିଥିଲେ। ଶ୍ରୀହରି ଧଳଙ୍କ କବିତା ପୁସ୍ତକ ନିର୍ବାଚିତ ଲୋକାର୍ପିତ ହୋଇଥିଲା। ପରେ ସିଂହପୁରଠାରେ ଅଧ୍ୟାପକ ଅଜୟ ଓଝା, କୁଆଁସରପୁରଠାରେ ଉମାକାନ୍ତ ରଥ, ଏରଡଙ୍ଗ ନାଟରାଠାରେ ସଞ୍ଜୟ ସାମଲ, କଳଶପୁର ଆଳିଠାରେ ପଣ୍ଡିତ ମହେଶ୍ୱର ନନ୍ଦ, ଜରିରେ ବନଜା ସାମଲ, ଯାଜପୁରଠାରେ ମନ୍ମଥ ରାୟ, କଣ୍ଟିପୁରଠାରେ ଗୋପୀନାଥ ଦାଶ, ଚିଣାଠାରେ ସରୋଜ ସାମଲ, ପଦାସାହିଠାରେ ପୀତାମ୍ବର ସ୍ୱାଇଁଙ୍କ ମୋ ପାଠାଗାର ଅଖିଳଚକ୍ର ପକ୍ଷରୁ ଉଦ୍‌ଘାଟନ କରାଯିବାକୁ ସ୍ଥିର କରାଯାଇଥିଲା। ସୁମନ କୁମାର ଧଳ ଧନ୍ୟବାଦ ଦେଇଥିଲେ।



ପାଠାଗାର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ବାଲି ପାଇଁ ବଢୁଛି ଦୁର୍ଘଟଣା

- ବାଲି ବୋଝେଇ ଗାଡ଼ିରେ ଢଙ୍କାଯାଉନି ପାଲ
- ରାସ୍ତା ଉପରେ ପଡ଼ିରହୁଛି ଆଣ୍ଠୁଏ ଉଚ୍ଚର ବାଲି

**କାଏମା,୧୩।୬(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କାଏମା କେଲୁଅ ନଦୀରୁ ଦୈନିକ ଶହଶହ ଟ୍ରିପ୍ ବାଲି ପରିବହନ ହେଉଛି। ବାଲି ବୋଝେଇ ହାଇୱା, ଡମ୍ପର ଓ ଟ୍ରାକ୍ଟରଗୁଡ଼ିକ ଓଭର ଲୋଡ୍‌କରି କାଏମା ବ୍ରିଜ୍ ଓ ବଜାର ମଧ୍ୟ ଦେଇ ଯାତାୟାତ କରୁଛନ୍ତି। ଫଳରେ ରାସ୍ତାରେ ପ୍ରାୟ ଆଣ୍ଠୁଏ ଉଚ୍ଚର ବାଲି ଜମାହୋଇ ରହୁଛି। ଏଥିଯୋଗୁ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଜୀବନଯାଉଛି। ବାଲି ପରିବହନ ସମୟରେ ଗାଡ଼ିରେ ପାଲ ଢାଙ୍କିବାର ନିୟମ ରହିଛି। ଯଦି କୌଣସି ଗାଡ଼ି ବିନା ପାଲରେ ରାସ୍ତାରେ ବାଲି, ଗୋଡ଼ି କିମ୍ବା ମେଟାଲ ପରିବହନ କଲେ ତେବେ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ବିଭାଗ ଚେତାବନୀ ଦେଇଛି। ହେଲେ ଏସବୁ ନିୟମ ଏଠି କେବଳ କାଗଜକଲମରେ ସୀମିତ ଥିବା ଦେଖିବାକୁ ମିଳିଛି। ଗାଡ଼ିଗୁଡ଼ିକ ବିନା ପାଲରେ ଓଭର ଲୋଡ୍‌କରି ଦ୍ରୁତଗତିରେ ଯାତାୟାତ କରୁଥିବାରୁ ଗଦାଗଦା ବାଲି ବ୍ରିଜ୍ ମୁଣ୍ଡ ଓ ରାସ୍ତା ସାରା ପଡୁଛି। ଏହା ଦୁର୍ଘଟଣାର ମୁଖ୍ୟ କାରଣ ହୋଇଥିଲେ ବି ପ୍ରଶାସନ ଏ ସବୁ ଦେଖି ଚୁପ୍ ରହିଛି। ଏହି ରାସ୍ତା ପାର୍ଶ୍ୱରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟ ରହିଛି। ଏଥିସହ ଧର୍ମଶାଳା ମହାବିଦ୍ୟାଳୟକୁ ଉକ୍ତ ରାସ୍ତା ସଂଯୋଗ କରୁଛି। ତେଣୁ ଛାତ୍ରୀଛାତ୍ରଙ୍କ ଏହା ନିତିଦିନିଆ ରାସ୍ତା ହୋଇଛି।


ବାଲି ବୋଝେଇ ଗାଡ଼ିରେ ପାଲ ଢଙ୍କା ଯାଇନାହିଁ।

ଗତ ୭ ତାରିଖ ବୁଧବାର ରତପୁର ଗ୍ରାମର ନିରଞ୍ଜନ କର ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ମିଶ୍ର ବାଇକ୍‌ରେ ଜାରକା ଯାଉଥିବାବେଳେ କାଏମା ବଜାର ମଧ୍ୟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ମଞ୍ଜୁଲତା ପଡ଼ି ଯାଇଥିଲେ ଓ ଟ୍ରାକ୍ଟର ତାଙ୍କ ଗୋଡ଼ରେ ଚଢ଼ିଯାଇଥିଲା। ତାଙ୍କୁ ପ୍ରଥମେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ପାଦ କଟାଯିବ ବୋଲି ଡାକ୍ତର କହିଥିବା ସୂଚନା ମିଳିଛି। ସେହିପରି ଗତ ରବିବାର ଖବରଦାତା ସୁଶାନ୍ତ ସାହୁ ବାଇକ୍ ଯୋଗେ ଯିବା ସମୟରେ କାଏମା ବ୍ରିଜ୍‌ରେ ବାଇକ୍ ଚକା ଖସି ଯିବାରୁ ସେ ଏକ ବାଲି ବୋଝେଇ ହାଇୱା ପଛପଟେ ପଡ଼ିଯାଇଥିଲେ। ସୌଭାଗ୍ୟ ତାଙ୍କର କୌଣସି କ୍ଷତି ହୋଇନାହିଁ। ରାସ୍ତାରେ ବାଲି ପଡୁଥିବାରୁ ଦୈନିକ ଏହିଭଳି ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି।

ଅନ୍ୟପକ୍ଷରେ ଆଗକୁ ବର୍ଷାଦିନ ଆସୁଥିବାରୁ ନଦୀରେ ପାଣି ହୋଇଯିବ ବୋଲି ସ୍ଥାନୀୟ ଜଣେ କଣ୍ଟ୍ରାକ୍ଟର ଦୈନିକ ଶହ ଶହ ଟ୍ରିପ୍ ବାଲି ନେଇ ଗଚ୍ଛିତ କରି ରଖୁଛନ୍ତି। ଏହାକୁ ପରବର୍ତ୍ତୀ ସମୟରେ ଚଢ଼ା ଦରରେ ବିକ୍ରି କରାଯିବ ବୋଲି ସୂଚନା ମିଳିଛି। ଏସବୁ ପ୍ରଶାସନର ଜାଣତରେ ହେଉଛି କି ଅଜାଣତରେ ହେଉଛି ତାହାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଚିନ୍ତା

ନୟାଗଡ଼ ଅଫିସ,୧୩।୬(ଲୋକନାଥ ମିଶ୍ର)

- ଲୋଭୋଲଟେଜ୍‌କୁ ନେଇ ଅସନ୍ତୋଷ ବଢୁଛି
- ଟାଟାକୁ ବାଏ ବାଏ କହିଲେଣି ଗ୍ରାହକ
- ଅସହ୍ୟ ତାତି ବେଳେ ଚାଲିଛି ବିଦ୍ୟୁତ୍ କାଟ୍

ଅଗ୍ନିବର୍ଷା ସମୟରେ ଘନ ଘନ ବିଦ୍ୟୁତ୍ କାଟ ନୟାଗଡ଼ ଜିଲାର ଉପଭୋକ୍ତାଙ୍କୁ ଅତିଷ୍ଠ କଲାଣି । ବିଦ୍ୟୁତ୍ ବ୍ୟତିରକ ଅନ୍ୟ ଉପାୟ ନ ଥିବାରୁ ଗ୍ରାହକମାନେ ଦହଗଞ୍ଜ ହେଉଛନ୍ତି । ଏଭଳିସ୍ଥଳେ ବିଦ୍ୟୁତ୍ କାଟ ସମସ୍ୟାର ସମାଧାନ ହେଉ ନ ଥିବାରୁ ଉଦ୍‌ବେଗ ଓ ଅସନ୍ତୋଷ ବଢ଼ି ଚାଲିଛି । ପରିସ୍ଥିତି ଏପରି ହେଲାଣି ବିଦ୍ୟୁତ୍ ଗ୍ରାହକ ଟାଟାକୁ ବାଏ ବାଏ କରି ଗୋ ବ୍ୟାକ କହିବା ଆରମ୍ଭ କଲେଣି। କେତେକ ସ୍ଥାନରେ ଟାଟା ପାୱାର ବିରୋଧରେ ମେଳି ଆରମ୍ଭ ହେଲାଣି। ପ୍ରଶାସନ ଓ ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ପ୍ରତି ଗାଁରେ ଓ ଜିଲାରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

ରାଜ୍ୟବାସୀଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୨୦୨୦ରୁ ଟାଟା ପାୱାରକୁ ବିଦ୍ୟୁତ୍ ବ୍ୟବସ୍ଥାକୁ ହସ୍ତାନ୍ତର କରିଛନ୍ତି । ଏପରିକି ବିଦ୍ୟୁତ୍ ଭିତ୍ତଭୂମିକୁ ସଜାଡିବାକୁ ସରକାର ୩ ବର୍ଷରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇ ସାରିଥିଲେ ମଧ୍ୟ ସ୍ଥିତି ସୁଧାରିବା ବଦଳରେ ବିଗିଡି ଚାଲିଛି । ଟାଟା ବିଦ୍ୟୁତ୍ ଦେୟ ଆଦାୟକୁ ଯେପରି ଗୁରୁତ୍ୱ ଦେଉଛି ଗ୍ରାହକଙ୍କୁ ସେବା ଯୋଗାଇବାରେ ଅଣଦେଖା କରୁଛି ବୋଲି ଅଭିଯୋଗ ଉଠୁଛି । ଏନେଇ ନୟାଗଡ଼ର ବସୁଦେବ ମହାନ୍ତି କୁହନ୍ତି, ଚଳିତ ବର୍ଷ ବିଦ୍ୟୁତ୍ କାଟ ହେବନି ବୋଲି ମନ୍ତ୍ରୀ ଘୋଷଣା କରିଥିଲେ । ତେବେ ନୟାଗଡ଼ ସହର ସମେତ ଜିଲାରେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟକୁ କ'ଣ କୁହାଯିବ ବୋଲି ପ୍ରଶ୍ନ କରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟକୁ ସ୍ୱୀକାର କରାଯାଉ ନ ଥିବାବେଳେ ଅଯଥାରେ କଥା କଟା କଟି ଗ୍ରାହକଙ୍କୁ ବ୍ୟଥିତ କରୁଛି। ପୁଣି ବିଦ୍ୟୁତ୍ କାଟକୁ ରୋକିବାକୁ ପଦକ୍ଷେପ ନାହିଁ ବୋଲି କହିଛନ୍ତି । ଏଣୁ ଟାଟାକୁ ବାଏ ବାଏ କରିଲେଣି ଗ୍ରାହକ। ଧିରେ ଧିରେ ଏହା ବଢ଼ିବାରେ ଲାଗିବ ବୋଲି କହିଛନ୍ତି ।

## ଏସି ଲଗାଉଛନ୍ତି, କିଲୋୱାଟ ବଢ଼ାଉ ନାହାନ୍ତି

ଗ୍ରୀଷ୍ମ ଋତୁରେ ଏସିର ବ୍ୟବହାର ବଢୁଛି । ଗୋଟିଏ ଘରେ ୨ରୁ ୧୨ଟି ଏସି ଦେଖିବାକୁ ମିଳୁଛି । ହେଲେ ଗ୍ରାହକ କିଲୋୱାଟ ବଢ଼ାଉ ନ ଥିବାରୁ ଟ୍ରାନ୍ସଫର୍ମର ଉପରେ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଲୋଡ ପଡୁଛି । ଏଣୁ ଲୋଭୋଲଟେଜ ପରିସ୍ଥିତି ଦେଖା ଦେଇଛି । ବିଦ୍ୟୁତ୍ ଭୋଲଟେଜ ହ୍ରାସ ଓ ବୃଦ୍ଧି ପରି ସମସ୍ୟା ଦେଖା ଦେଉଛି । ଏଭଳିସ୍ଥଳେ ବିଦ୍ୟୁତ୍ ବିଭାଗ ଯାଞ୍ଚ କରି ଫାଇନ ବି ପକାଉ ନାହିଁ । ଏଭଳି ସ୍ଥଳେ ବିଦ୍ୟୁତ୍ ବିଭାଗ ଲୋଭୋଲଟେଜକୁ ଅସ୍ୱୀକାର କରି ସବୁ ଠିକ୍‌ଠାକ୍ ଅଛି କହି ଖସି ଯାଉଛି । ଗ୍ରାହକଙ୍କ ଲୋଭୋଲଟେଜର ଅଭିଯୋଗ ଶୀତଳଭଣ୍ଡାରରେ ପଡି ରହୁଛି ।

**ଆଉ ଏକ ଷ୍ଟ୍ରକଚର ଦରକାର:** ନୟାଗଡ ସହରର ଖଣ୍ଡପଡ଼ା ରୋଡରେ ଏକ ବିଦ୍ୟୁତ୍ ଷ୍ଟ୍ରକଚର ରହିଛି । ତେବେ ବାରମ୍ୱାର ବିଦ୍ୟୁତ୍ କାଟ, ବିଦ୍ୟୁତରେ ଦେଖା ଦେଉଥିବା ଅବ୍ୟବସ୍ଥା ସୁଧାରିବା, ସହର ଲୋକଙ୍କୁ ଭଲ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆଉ ଏକ ଷ୍ଟ୍ରକଚରର ଆବଶ୍ୟକତା ରହିଛି । ପୁଣି କେତେକ ସ୍ଥାନରେ ନୂଆ ସବ୍‌ଷ୍ଟେଶନ କରିବା ଦରକାର । ଏନେଇ ପୂର୍ବତନ ଏନ୍‌ଏସି ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ, ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ ଓ ସମାଜି କର୍ମୀ ପ୍ରମୋଦ ପଟ୍ଟନାୟକ କୁହନ୍ତି, ନୟାଗଡ଼ ସହର ପାଇଁ ନୂଆ ଷ୍ଟ୍ରକଚର କରାଯିବା ନିହାତି ଦରକାର । ପୁଣି ଲୋ ଭୋଲଟେଜ ଓ ଅଘୋଷିତ ବିଦ୍ୟୁତ୍ କାଟର ତୁରନ୍ତ ସମାଧାନ ହେବା ଜରୁରୀ ବୋଲି କହିଛନ୍ତି ।

**୨୪ରୁ ୪୮ ଘଣ୍ଟା ଭିତରେ ସୁଧୁରିବ ବିଦ୍ୟୁତ୍ ସମସ୍ୟା:** ନୟାଗଡ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ମଙ୍ଗଳବାର ଟିପିସିଓଡିଏଲର ଡିଭିଜନ କାର୍ଯ୍ୟାଳୟକୁ ଯାଇ ନିର୍ବାହୀଯନ୍ତ୍ରୀଙ୍କ ସହ ବିଦ୍ୟୁତ୍ କାଟ ଓ ଲୋଭେଲଟେଜ ଉପରେ ଅଲୋଚନା କରିଛନ୍ତି । ନୟାଗଡ଼ ସହରବାସୀ ବିଦ୍ୟୁତକାଟ ଓ ଲୋଭୋଲଟେଜ ନେଇ ଯେଉଁ ଅସନ୍ତୁଷ୍ଟ ହୋଇଛନ୍ତି ସେନେଇ ସମାଧାନର ମାର୍ଗ କାଢ଼ିଥିବା କହିଛନ୍ତି । ସଭାପତିଙ୍କ ସୂଚନା ଅନୁସାରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବାର ପ୍ରଣାଳୀରେ ପରିବର୍ତ୍ତନ ଅଣାଯିବ । ଲୋଭୋଲଟେଜ, ବିଦ୍ୟୁତ୍ କାଟ୍ ସମସ୍ୟାକୁ ୨୪ରୁ ୪୮ ଘଣ୍ଟା ଭିତରେ ସମାଧାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ନୟାଗଡ଼ ଡିଭିଜନରେ ଥିବା ୧୬ ଟି ବିଦ୍ୟୁତ୍ ସେକ୍ସନରେ କୋଡିନେଶନ ଅଭାବ ରହିଛି । ଏଦିଗରେ ଆଲୋଚନା ହୋଇ ନିରାକରଣ ପାଇଁ ପଦକ୍ଷେପ ନିଆଯିବ । ଅନ୍ୟପକ୍ଷେ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୧ ସପ୍ତାହ ପରେ ଏକ ବୈଠକ କରାଯିବ । ଏଥିରେ ଜିଲାପାଳ, ବିଧାୟକ, ମ୍ୟୁନିସିପାଲିଟିର ଲୋକପ୍ରତିନିଧି, ମୁଁ ଓ ବିଦ୍ୟୁତ୍ ଉପଭୋକ୍ତା ସଂଘ ଉପସ୍ଥିତିରେ ଆଲୋଚନା କରାଯିବ ବୋଲି କହିଛନ୍ତି ।

## ଲୋଭୋଲଟେଜକୁ ଅସ୍ୱୀକାର

ଟିପିସିଓଡିଏଲର ନିର୍ବାହୀଯନ୍ତ୍ରୀ ସନ୍ତୋଷ ମହାପାତ୍ର କୁହନ୍ତି, ଉପଭୋକ୍ତାଙ୍କ ହିସାବରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି । ଏଣୁ ଲୋଭୋଲଟେଜ ସାଧାରଣତଃ ନାହିଁ । ତେବେ କାଳ ବୈଶାଖୀ ଯୋଗୁ ଓ ଅତ୍ୟଧିକ ଲୋଡ ଯୋଗୁ ବିଦ୍ୟୁତ୍ କାଟ ହେଉଛି । ଅତ୍ୟଧିକ ଲୋଡ ଯୋଗୁ ତାର ଛିଣ୍ଡି ଯାଉଛି, ଜଳି ଯାଉଛି । ଏ କ୍ଷେତ୍ରରେ ତୁରନ୍ତ ମରାମତି କରି ପୁଣି ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଛି। ତେବେ ନୟାଗଡ଼ ସହରରେ ଏକ ଫ୍ୟୁଜ କଲ ସେଣ୍ଟରର ଆବଶ୍ୟକତା ରହିଛି । ଏହା କରାଗଲେ ଗ୍ରାହକ ଉପକୃତ ହେବେ । ଏଠାରେ ଜଣେ ବ୍ୟକ୍ତି ନିୟୋଜିତ ହୋଇ ଗ୍ରାହକଙ୍କୁ ସେବା ଯୋଗାଇବାକୁ ରହିବେ । ଅପରପକ୍ଷ ବେଆଇନ ଭାବେ ଏସିର ବ୍ୟବହାର ଉପରେ ଲଗାମ ଲଗାଇବାକୁ ଗ୍ରାହକଙ୍କ ସହଯୋଗ ମିଳିଲେ ତଦନ୍ତ କରାଯିବବୋଲି କହିଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବି.ଏସ୍. ମୃତ୍ୟୁଞ୍ଜୟ


@ ବିନ୍ଦୁସାଗର


@ ମାନସ


@ ପୂର୍ଣ୍ଣପ୍ରଭା


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସମସ୍ୟା ସମାଧାନ ପାଇଁ ଲୋକଙ୍କ ପାଖରେ ପହଞ୍ଚିଲେ ବିଡିଓ

ନୂଆଗାଁ,୧୩।୬(ଧନେଶ୍ୱର ସାହୁ )

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଅନେକ ସ୍ଥାନରେ ଲୋକମାନଙ୍କୁ ଭତ୍ତା ନ ମିଳିବା, ବିଭିନ୍ନ ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିବା , ରାସ୍ତା ସମସ୍ୟା ଆଦି ବାବଦରେ ଖବର ପ୍ରକାଶ ପାଇଥିଲା । ଲୋକମାନଙ୍କ ଏତେ ସବୁ ସମସ୍ୟା ବାବଦରେ ଜାଣିବା ପରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ନିଜେ ଲୋକମାନଙ୍କ ପାଖକୁ ଯାଇ ପ୍ରକାଶିତ ଖବରର ସତ୍ୟାସତ୍ୟ ପଚାରି ବୁଝିଥିଲେ। ମାଳିସାହି ପଞ୍ଚାୟତ ଖଙ୍ଗୁରୀ ଗ୍ରାମର କେତେଜଣ ଲୋକଙ୍କୁ ବ୍ୟାଙ୍କ ଜମା ଖାତା ମାଧ୍ୟମରେ ଭତ୍ତା ଟଙ୍କା ଦିଆଯାଉଥିବା ବେଳେ କିଛି ମାସ ହେଲା ସେମାନଙ୍କ ଜମା ଖାତାକୁ ଭତ୍ତା ଟଙ୍କା ଆସୁ ନ ଥିବା ଜଣାପଡିଥିଲା । ବିଡିଓ ମିଶ୍ର ଖଙ୍ଗୁରୀ ଗ୍ରାମରେ ପହଞ୍ଚି ଭତ୍ତା ଟଙ୍କା ପାଉ ନ ଥିବା ଲୋକଙ୍କ ଘରକୁ ଯାଇ ସମସ୍ୟା ବିଷୟରେ ବୁଝିଥିଲେ। ଖଙ୍ଗୁରୀ ନୂଆସାହି ଗ୍ରାମର ଭତ୍ତା ପାଉ ନ ଥିବା ଅଭିଯୋଗ କରୁଥିବା ୨ ଜଣ ଲୋକଙ୍କୁ ନିଜ ଗାଡ଼ିରେ ବସାଇ ନିକଟସ୍ଥ ଜନସେବା କେନ୍ଦ୍ରକୁ ନେଇ ସମସ୍ୟା ସମାଧାନ କରି ପୁଣି ତାଙ୍କ ଘରେ ଆଣି ଛାଡିଥିଲେ । ବିଡିଓଙ୍କ ଗସ୍ତ ସମୟରେ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ନଗେନ କୁମାର ସାହୁ ଉପସ୍ଥିତ ଥିଲେ ।

# ୧୧କେଭି ବିଦ୍ୟୁତ୍ ତାର ଲାଗି ଯୁବକ ମୃତ


କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରେ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି ।

ଗଣିଆ,୧୩।୬(ସନ୍ତୋଷ କୁମାର ପ୍ରଧାନ)

**ଉତ୍ତେଜନା, ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା**

ଗଣିଆ ଥାନା ଅଧୀନ କରଡାପଡା ପଞ୍ଚାୟତ ଗଡଡ ଡୁମାଣ୍ଡି ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ ହେଲେ ଚିତ୍ତରଞ୍ଜନ ବେହେରା(୧୯)। ଚିତ୍ତରଞ୍ଜନ ମଙ୍ଗଳବାର ସକାଳୁ ଗ୍ରାମ ନିକଟ ଚାଷଜମିକୁ ଯାଉଥିବା ସମୟରେ ପୂର୍ବରୁ ଜମି ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଥିଲା । ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚିତ୍ତରଞ୍ଜନଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । ତେବେ ସ୍ଥାନୀୟ ଲୋକେ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଚିତ୍ତରଞ୍ଜନଙ୍କ ମୃତଦେହ ଦେଖି ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥର ବାରପୁରକିଆ ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ୪ ଘଣ୍ଟା ଧରି ଗଣିଆ - ଦଶପଲ୍ଲା ରାସ୍ତାରେ ଯାନାବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ତନ୍ମୟ କୁମାର ପୃଷ୍ଟି, କରଡାପଡ଼ା ସରପଞ୍ଚଙ୍କ ପ୍ରତିନିଧି ସମୀର କୁମାର ସାହୁ, ଗଣିଆ ପଞ୍ଚାୟତ ସରପଞ୍ଚ ଗିରିଧାରୀ ସେଠୀ, ରାସଙ୍ଗ ସରପଞ୍ଚ ମାନସ କୁମାର ମହାକୁଡ ପହଞ୍ଚି ମୃତକଙ୍କ ପରିବାର ଓ ଧାରଣାରତ ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା, ବିଦ୍ୟୁତ୍ ବିଭାଗ ତରଫରୁ ୧ଲକ୍ଷ କ୍ଷତିପୂରଣ ଅର୍ଥରାଶି ସହ ସରକାରଙ୍କ ତରଫରୁ ସମସ୍ତ ସାହାଯ୍ୟ ଯୋଗାଇଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଉକ୍ତ ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ନୀଳମାଧବ ନୋଡାଲ ବିଦ୍ୟାପୀଠ କଡ଼ରେ ଚାଲିଛି ମାଟିଗଦା

ଖଣ୍ଡପଡ଼ା,୧୩।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡ଼ାଲ ବିଦ୍ୟାପୀଠର ରୂପାନ୍ତରୀକରଣ କାମ ସମ୍ପନ୍ନ ହୋଇଛି । ନୂଆ ରୂପରେ ଉକ୍ତ ଶିକ୍ଷାନୁଷ୍ଠାନଟିର ପାରିପାର୍ଶ୍ୱିକ ସ୍ଥିତି ମନୋଲୋଭା ହୋଇଛି । ସମ୍ପ୍ରତି ଶିକ୍ଷାନୁଷ୍ଠାନ ଛୁଟି ଥିବା ସମୟରେ ଉକ୍ତ ପ୍ରାଚୀର ପାର୍ଶ୍ୱରେ ପଙ୍କ କାଦୁଅ ମିଶା ମାଟି ଗଦା ଯାଇଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏବେ ନୀଳମାଧବ ପୀଠର ବିକାଶ କାମ ଚାଲିଛି । ଏହି ପରିପ୍ରେକ୍ଷୀରେ ଠାକୁରଙ୍କ ଚନ୍ଦନ ପୋଖରୀର ପୁନରୁଦ୍ଧାର କାମ ଚାଲିଛି । ପୋଖରୀରୁ ପଙ୍କ ଉଦ୍ଧାର କରାଯାଇ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ଆଗକୁ ବର୍ଷା ଆସୁଛି। ତେଣୁ ଠିକାଦାର ପଙ୍କ କାଦୁଅ ମିଶା ମାଟିକୁ ନୂଆ ରୂପରେ ସଜାଇ ହୋଇଥିବା ନୀଳମାଧବ ନୋଡାଲ ବିଦ୍ୟାପୀଠ ପ୍ରାଚୀର କଡରେ ଗଦା କରାଯାଉଛି ।

ସେଥିପାଇଁ ଶୈକ୍ଷିକ ଚିତ୍ର ସବୁ ପଙ୍କ କାଦୁଅ ମିଶା ମାଟିରେ ଲୁଚି ଯାଉଛି । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ସାହୁ ବିକାଶ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ସେହି ମାଟିକୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଖର୍ଚ୍ଚ କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପ୍ରଧାନ ଶିକ୍ଷକ ଓ ସଭାପତି ସୂଚନା ଦେଇଛନ୍ତି ।


ସ୍କୁଲ ପାଚେରି କଡରେ ମାଟି ଗଦା କରାଯାଇଛି ।

# ଗୁହାରି କରିବାକୁ ଆସି ଦେଢ଼ ଘଣ୍ଟା ବାରଣ୍ଡାରେ ବସିଲେ ବୃଦ୍ଧା

ନୂଆଗାଁ,୧୩।୬(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବିଡ଼ିଓଙ୍କୁ ନିଜର ଦୁଃଖ ବିଷୟରେ ଗୁହାରୀ କରିବାକୁ ଜଣେ ବୃଦ୍ଧା ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । କିନ୍ତୁ ଦୀର୍ଘ ଦେଢ ଘଣ୍ଟା କାଳ ବାରଣ୍ଡାରେ ବସି ଅପେକ୍ଷା କରିବା ପରେ ବିଡିଓଙ୍କୁ ଦେଖା କରି ନିଜର ଦୁଃଖ ବିଷୟରେ ଜଣାଇଥିବା ଅଭିଯୋଗ ହେଉଛି ।

ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ୭୨ ବର୍ଷର ବିଧବା ବୃଦ୍ଧା କୁନ୍ତଳା ନାୟକ ଆବାସ ଯୋଜନାରେ ଗୃହ ପାଇଁ ଆବେଦନ କରିଥିଲେ । କିନ୍ତୁ ଆବାସ ଯୋଜନା ପାଇବାକୁ ହେଲେ ୨୦ ହଜାର ଟଙ୍କା ଦେବାକୁ ପଡିବ ବୋଲି ଜଣେ ପଞ୍ଚାୟତ କର୍ମଚାରୀ ମଧ୍ୟସ୍ଥିଙ୍କ ଦ୍ୱାରା କୁନ୍ତଳାଙ୍କ ସମ୍ପର୍କୀୟଙ୍କୁ କହିଥିଲେ । ତେବେ ବୃଦ୍ଧା ୨୦ ହଜାର ନୁହେଁ ପାଇଥିବା ଭତ୍ତା ଟଙ୍କାରୁ ୫ ହଜାର ଟଙ୍କା ଦେଇ ପାରିବେ ବୋଲି ରାଜି ହୋଇଥିଲେ। କିନ୍ତୁ ଏତିକିରେ ସମ୍ଭବ ନୁହେଁ ବୋଲି ତାଙ୍କୁ କୁହାଯାଇଥିଲା । ଅନ୍ୟପକ୍ଷେ ତମେ ଏ ବୟସରେ ଘର କ'ଣ କରିବ , ପୁଅର ଘର ବାରଣ୍ଡାରେ ରହିବ ବୋଲି ନୂଆଗାଁ ପଞ୍ଚାୟତ ଅଧିକାରୀ କହିଥିଲେ। ଏହି ବିଷୟରେ ନୂଆଗାଁ ବିଡିଓଙ୍କୁ ଅଭିଯୋଗ କରିବା ପାଇଁ କୁନ୍ତଳା ନୂଆଗାଁ ବ୍ଲକକୁ ଯାଇଥିଲେ । କୁନ୍ତଳା ବ୍ଲକରେ ପହଞ୍ଚିବା ଆଗରୁ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବ୍ଲକରେ ପହଞ୍ଚି ଏକ ସମୀକ୍ଷା ବୈଠକ ଡାକିଥିଲେ । ଉକ୍ତ ବୈଠକରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା , ଦଶପଲ୍ଲା ବିଧାୟକ ବେହେରା , ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ବ୍ଲକ ଉନ୍ନୟନ ବିଭାଗର ସମସ୍ତ କର୍ମଚାରୀ ଅଧିକାରୀ , ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଜଣେ ବରିଷ୍ଠ ନାଗରିକ ଅଭିଯୋଗ ପାଇଁ ଆସିଥିବା ଖବର ବୈଠକରେ ବସିଥିବା ଅଧିକାରୀ, ଚେୟାରମ୍ୟାନ, ବିଧାୟକ ଅବଗତ ଥିଲେ ମଧ୍ୟ ଅଭିଯୋଗ ଶୁଣିବା ପାଇଁ କେହି ଆସି ନ ଥିଲେ । ଦୀର୍ଘ ଦେଢ ଘଣ୍ଟା ପରେ ବୈଠକ ଶେଷ ହେବାରେ କୁନ୍ତଳା ବିଧାୟକ ବେହେରାଙ୍କୁ ଭେଟି ନିଜର ସମସ୍ୟା ବାବଦରେ କହିବାରୁ ତାହାକୁ ତୁରନ୍ତ ସମାଧାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବିଡିଓ ଅଭିଯୋଗକାରୀଙ୍କୁ ନେଇ ନିଜ କାର୍ଯ୍ୟାଳୟରେ ବସାଇ ସମସ୍ୟା ବିଷୟରେ ବୁଝିଥିଲେ ।


ଅଭିଯୋଗ ପାଇଁ ବାରଣ୍ଡାରେ ଅପେକ୍ଷାରତ ବରିଷ୍ଠ ନାଗରିକ କୁନ୍ତଳା ।

# ମା'ଆଖି ସାମ୍‌ନାରେ ନଦୀରେ ବୁଡ଼ି ୩ ବର୍ଷର ପୁଅ ମୃତ

ଭାପୁର,୧୩।୬(ଭରତ ଚନ୍ଦ୍ର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ କରବର ପଞ୍ଚାୟତ ନଣ୍ଡାବର ବାଲିସାହି ଗ୍ରାମରେ ଜଣେ ୩ ବର୍ଷ ପୁଅ ମାଆ ସାଥିରେ ମହାନଦୀକୁ ଗାଧୋଇବାକୁ ଯାଇଥିଲେ । ହେଲେ ମା' ଆଖି ସାମ୍‌ନାରେ ଶିଶୁପୁତ୍ର ନଦୀରେ ବୁଡି ପ୍ରାଣ ହରାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ନଣ୍ଡାବର ଗ୍ରାମ ବାଲିସାହିର ସମୀର ଜେନାଙ୍କ ଏକମାତ୍ର ପୁଅ ସତ୍ୟଜିତ ମାଆ ସୁଜାତାଙ୍କ ସହିତ ନିକଟସ୍ଥ ମହାନଦୀକୁ ଗାଧୋଇବାକୁ ଯାଇଥିଲେ । ନଦୀ ବନ୍ଧ ଉପରେ ପୁଅକୁ ବସାଇ ଦେଇ ସୁଜାତା ଗାଧୋଉଥିଲେ। ଏହି ସମୟରେ ସତ୍ୟଜିତ ନଦୀ ବନ୍ଧ ଉପରେ ଖେଳୁଥିଲେ । ହେଲେ ପଥର ଉପରୁ ଗୋଡ ଖସିଯିବାରୁ ସେ ହଠାତ୍ ପାଣିରେ ପଡିଯାଇଥିଲେ। ପୁଅ ପାଣିରେ ବୁଡିଯିବା ଦେଖି ସୁଜାତା ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ହେଲେ କିଛି ସମୟ ପରେ ସେ ବି ପାଣିରେ ବୁଡିଯାଇଥିଲେ। ପାଖରେ ଥିବା ଯୁବକମାନେ ଦୌଡି ଯାଇ ସୁଜାତାଙ୍କୁ ଉଦ୍ଧାର କରିଥିଲେ। କିଛି ସମୟ ପରେ ସତ୍ୟଜିତ୍‌ଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ ଭାପୁର ତହସିଲଦାର ଲଗ୍ନଜିତ୍ ବେହେରା, ଫତେଗଡ଼ ଆରଆଇ ଲକ୍ଷ୍ମୀପ୍ରିୟା ସାହୁ, ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ ,କରବର ସମିତି ସଭ୍ୟ ତପନ କୁମାର ମହାପାତ୍ର ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ସରକାରୀ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫତେଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହେଇଛି ।

## ସଂକ୍ଷେପରେ

### ଚାକିରି କରାଇଦେବା ନାଁରେ ୬ଲକ୍ଷ ଠକେଇ

ରଘୁନାଥପୁର,୧୩।୬ (ରାଜେନ୍ଦ୍ର ନାରାୟଣ ସିଂ) ଏକ ଘରୋଇ କମ୍ପାନୀରେ ଚାକିରି କରାଇଦେବାକୁ କହି ୬ ଲକ୍ଷ ଟଙ୍କା ଠକି ନେବା ଘଟଣାରେ ରଘୁନାଥପୁର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କରଞ୍ଜିଆ ଥାନା ରସନ୍ତୋଲା ଗ୍ରାମର ତୁଳସୀ କୁମାର ମହନ୍ତ। ଏ ସମ୍ପର୍କରେ ଏହି ଥାନା ଅନ୍ତର୍ଗତ କୋଟକଣା ଗ୍ରାମର ଜ୍ୟୋତିରଞ୍ଜନ ସାହୁ ଥାନାରେ ଅଭିଯୋଗ କରିଥିଲେ। ଜ୍ୟୋତିରଞ୍ଜନଙ୍କ ସହ ତୁଳସୀ ଆତ୍ମୀୟତା ଜମାଇ ଘରୋଇ କମ୍ପାନୀରେ ଚାକିରି କରାଇ ଦେବାକୁ କହି କିସ୍ତି ଆକାରରେ ଏସବୁ ଟଙ୍କା ଠକି ନେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ଏନେଇ ଥାନାରେ ମାମଲା (ନଂ. ୧୬୮/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ଅଭିଯୁକ୍ତ ତୁଳସୀଙ୍କୁ ସ୍ଥାନୀୟ ଏକ ସେଲୁନରେ କାମ କରୁଥିବା ସମୟରେ ପୋଲିସ ଗିରଫ କରିଥିଲା।

### ବଜ୍ରପାତରେ ୨ ମଇଁଷି ମୃତ

ରାଜନଗର, ୧୩।୬(ଭାସ୍କର ରାଉତରାୟ): ଆଳି ବ୍ଲକ ନଳପାହି ଗାଁରେ ବର୍ଷା ପବନ ସହ ବଜ୍ରପାତ ସୋମବାର ସନ୍ଧ୍ୟା ସାଢେ ୭ଟାରେ ହୋଇଥିଲା। ମଇଁଷି ଗୋଠ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ୨ଟି ମଇଁଷିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ମଇଁଷି ଗୁଡିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ନଳପାହି ଗାଁର ମୁକ୍ତିକାନ୍ତ ପରିଡାଙ୍କର ମଇଁଷିଙ୍କ ମୃତ୍ୟୁ ଘଟିଛି। ମୁକ୍ତିକାନ୍ତ ମଇଁଷି ପାଳନ କରି ଜୀବିକା ନିର୍ବାହ କରନ୍ତି। ମଇଁଷିଙ୍କ ମୃତ୍ୟୁ ପରେ ସହାୟତା ପାଇଁ ଆଳି ତହସିଲରେ ମୃତ ମଇଁଷିଙ୍କ ଫଟୋ ସହ ଆବେଦନ କରିଛନ୍ତି।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଜେଲ ଗଲେ

ମାର୍ଶାଘାଇ, ୧୩।୬ (ଶୁଭେନ୍ଦୁ ଚୌଧୁରୀ) ମାର୍ଶାଘାଇ ଥାନା ଅଞ୍ଚଳରେ ଜୈନିକା ବିବାହିତା ମହିଳାଙ୍କୁ ବଳାତ୍କାର ଉଦ୍ୟମ କରି ଜଣେ ଉଚ୍ଚ ବିଦ୍ୟାଳୟର ପିଅନଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଖବର ମୁତାବକ, ଜମ୍ବୁ ଅଞ୍ଚଳର ଜଣେ ମହିଳା ମାର୍ଶାଘାଇ ନିକଟସ୍ଥ ଜୁଣଠାରେ ଭଡା ଘରେ ରହୁଥିଲେ। ତାଙ୍କ ସ୍ୱାମୀ ବାହାରେ ଚାକିରି କରୁଥିବାରୁ ସେ ଏକୁଟିଆ ଥାନ୍ତି। ମହିଳାଙ୍କ ଘର ନିକଟରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡା ଗ୍ରାମର ଅଶୋକ ଦାସ ମଧ ଘର ଭଡ଼ା ନେଇ ରହୁଛନ୍ତି। ସେ ସ୍ଥାନୀୟ ଏକ ଉଚ୍ଚ ବିଦ୍ୟାଳୟରେ ପିଅନ ଭାବେ କାମ କରନ୍ତ। ସୋମବାର ରାତିରେ ଅଭିଯୁକ୍ତ ଜଣକ ଉକ୍ତ ମହିଳାଙ୍କ ଘରେ ପଶି ବଳାତ୍କାର କରିବା ପାଇଁ ଉଦ୍ୟମ କଲା ବେଳେ ମହିଳା ଜଣକ କୌଶଳକ୍ରମେ ଘର ବାହାରକୁ ପଳାଇ ଆସିବାରୁ ଅଭିଯୁକ୍ତ ଜଣକ ଖସି ପଳାଇ ଯାଇଥିଲେ। ମଙ୍ଗଳବାର ଥାନାରେ ଏ ସମ୍ପର୍କରେ ମହିଳା ଜଣକ ଅଭିଯୋଗ କରିବା ପରେ ଏସ୍‌ଆଇ ଅଜୟ କୁମାର ସାହୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ନଂ. ୩୫୦/୨୩ରେ ମାମଲା ରୁଜୁ କରିଛନ୍ତି। ଅଶୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଆଜିଠୁ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ

ପାରାଦୀପ,୧୩।୬(ଶରତ ରାଉତ)


ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀମାନେ ବୋଟ୍ ପ୍ରସ୍ତୁତ କରୁଛନ୍ତି।

- ପାରାଦୀପ ମାଛଧରା ବନ୍ଦର ଚଳଚଞ୍ଚଳ
- ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା କରାଯାଏ

୨ ମାସର ସାମୁଦ୍ରିକ ମାଛଧରା କଟକଣା ବୁଧବାର ଶେଷ ହେଉଛି। ଏନେଇ ମଙ୍ଗଳବାର ପାରାଦୀପ ମାଛଧରା ବନ୍ଦର ପରିସର ଚଳଚଞ୍ଚଳ ହୋଇଉଠିଛି। ବୁଧବାର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ବୋଟ ଓ ୨୫୦ରୁ ଅଧିକ ଛୋଟ ଡଙ୍ଗା ସମୁଦ୍ର ଭିତରକୁ ଯିବେ। ଏଥିପାଇଁ ସେମାନେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି। ବରୁଣେଶ୍ୱର ଯଜ୍ଞ ମଧ୍ୟ ସରିଛି। ବୋଟ୍‌ରେ ତେଲ, ବରଫ, ଜାଲ, ଖାଇବା ସାମଗ୍ରୀ ଆଦି ରଖାଯାଇଛି। ଏନେଇ ବୋଟର କର୍ମଚାରୀ (ମତ୍ସ୍ୟଜୀବୀ)ମାନେ ଆସି ପହଞ୍ଚିଗଲେଣି। ଏଥର ନୂଆ ଉଦ୍ଦିପନା ନେଇ ସମୁଦ୍ରକୁ ଯିବୁ ବୋଲି ମତ୍ସ୍ୟଜୀବୀ ତ୍ରିନାଥ କହିଛନ୍ତି। ମାଛ ଧରିବା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ କେତେକ ସତର୍କ ସୂଚନା ଦିଆ ଯାଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ମତ୍ସ୍ୟଜୀବୀ ସେମାନଙ୍କ ପରିଚୟପତ୍ର, ଆଧାରକାର୍ଡ ସହ ବୋଟ୍‌ର କାଗଜପତ୍ର ଆଦି ସାଙ୍ଗରେ ନେବାପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ସୁରକ୍ଷା ଉପକରଣ ପୋଷାକ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଦ୍ୟାଟ (ଡିଷ୍ଟ୍ରେସ ଆଲାର୍ଟ ଟ୍ରାନ୍ସମିଟର)ଆଦି ବୋଟରେ ରଖିବା ପାଇଁ କୁହାଯାଇଛି।

ସୂଚନାଯୋଗ୍ୟ, ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୪ ପର୍ଯ୍ୟନ୍ତ ୨ ମାସ ସରକାରୀ ଭାବେ ସାମୁଦ୍ରିକ କଟକଣା କରାଯାଇଥାଏ। ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ଏହା କରାଯାଇଥାଏ। ଏହି ସମୟରେ ମାଛ ପ୍ରଜନନ, ଅଣ୍ଡାଦାନ, ଯାଆଁଳ ସୁରକ୍ଷା ଅପରିହାର୍ଯ୍ୟ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କୁମାର କର କୁହନ୍ତି। ପାରାଦୀପ ମାଛଧରା ବନ୍ଦର ଉପରେ ପ୍ରତ୍ୟକ୍ଷ ପରୋକ୍ଷ ଭାବେ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ନିର୍ଭରଶୀଳ ବୋଲି ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ସମ୍ପାଦନ ଅରବିନ୍ଦ ସ୍ୱାଇଁ କୁହନ୍ତି। ଅପରପକ୍ଷେ ଏହି ମତ୍ସ୍ୟ ଶିଳ୍ପ ଏବେ ଅନେକ ସମସ୍ୟା ମଧ୍ୟରେ ଗତି କରୁଛି। ମାଛ ଉତ୍ପାଦନ ହ୍ରାସ ପାଉଥିବାବେଳେ ତେଲ ଦର ବଢ଼ି ଚାଲିଛି। ଏଥିପାଇଁ ଅଧିକାଂଶ ବୋଟ ମାଲିକ ଆଉ ସମୁଦ୍ରକୁ ବୋଟ୍ ପଠାଉନାହାନ୍ତି। ପୂର୍ବରୁ ବର୍ଷକୁ ଗୋଟିଏ ବୋଟ୍ ୨୦ ରୁ ୨୫ ଥର ମାଛ ଧରୁଥିଲେ। ଏବେ ୧୦ ରୁ ୧୫ ଥର ଫିସିଂ କରିବା କଷ୍ଟକର ବୋଲି ଓମ୍ପା ସଭାପତି ଶ୍ରୀକାନ୍ତ ପରିଡ଼ା କୁହନ୍ତି। ଏତେ ଲୋକଙ୍କୁ ରୋଜଗାର ଯୋଗାଉଥିବା ମତ୍ସ୍ୟ ଶିଳ୍ପ ତେଲ ମୂଲ୍ୟ ଉପରେ ରିହାତି ପାଇଁ ଦୀର୍ଘ ବର୍ଷ ହେଲା ଦାବି କରାଯାଉଛି। ସରକାର ଏ ସମ୍ପର୍କରେ ବିଚାର କଲେ ଭଲ ହେବ ବୋଲି ପରିଡ଼ା କହିଛନ୍ତି।

# ବୃଦ୍ଧ ବ୍ରାହ୍ମଣଙ୍କୁ ପୋଲିସର ଦୁର୍ବ୍ୟବହାର

ରଘୁନାଥପୁର,୧୩।୬(ରାଜେନ୍ଦ୍ର ନାରାୟଣ ସିଂ)

**୫-ଟି ସଚିବ, ଜିଲାପାଳ, ଏସ୍‌ପିଙ୍କୁ ଲିଖିତ ଅଭିଯୋଗ**

କୌଣସି ଅଭିଯୋଗ ନେଇ ଥାନାକୁ ଆସୁଥିବା ଏତଲାକାରୀଙ୍କୁ ପୋଲିସ ସହଯୋଗ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ରଘୁନାଥପୁର ଥାନାରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଜଣେ ବୃଦ୍ଧ ବ୍ରାହ୍ମଣ ପୂର୍ବରୁ ଥାନାରେ କରିଥିବା ଅଭିଯୋଗର ଅଗ୍ରଗତି ସମ୍ପର୍କରେ ପଚାରିବା ପାଇଁ ଆସି ପୋଲିସ ଅଧିକାରୀଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହୋଇଥିବା କହିଛନ୍ତି। ସେ ହେଲେ ସ୍ଥାନୀୟ ରଘୁନାଥପୁର ସରକାର ସାହିର ଲିଙ୍ଗରାଜ ପଣ୍ଡା (୭୬)। ଏନେଇ ସେ ଏସ୍‌ପି, ଜିଲପାଳ, ଡିଜିପି ଓଡିଶା ଓ ୫-ଟି ସଚିବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ମେ ୨୯ରେ ପଣ୍ଡା ଥାନାରେ ଏକ ଅଭିଯୋଗ କରିଥିଲେ। ମଝିଆ ପୁଅ ମାଡ଼ରେ ସେ ରକ୍ତାକ୍ତ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଇଥିଲେ। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ବାଧ୍ୟହୋଇ ପଣ୍ଡା ଏ ସମ୍ପର୍କରେ ପୋଲିସକୁ ପଚାରିବାକୁ ରବିବାର ଥାନାକୁ ଆସିଥିଲେ। ମାତ୍ର ଏହି ସମୟରେ ସେଠାରେ ଥିବା ଜଣେ ଏଏସ୍‌ଆଇ ତାଙ୍କୁ ଠେଲି ପଦାକୁ ବାହାର କରିଦେଇଥିଲେ ବୋଲି ପଣ୍ଡା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହା ଦ୍ୱାରା ତାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ଆଇଆଇସି ସୁଶାନ୍ତ କୁମାର ସେଠୀ ଅସ୍ୱୀକାର କରିବା ସହ ସେ ନିଜେ ସମ୍ପୃକ୍ତ ବୃଦ୍ଧଙ୍କୁ ଚେଆରରେ ବସାଇ ଆଲୋଚନା କରିଥିଲେ। ଏଥିସହ ତାଙ୍କୁ ପାଣି ପିଇବାକୁ ଦେଇଥିଲେ ବୋଲି ସେ କହିଛନ୍ତି। ତେବେ ଉକ୍ତ ସମୟର ସିସିଟିଭି ଯାଞ୍ଚକଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ସେ ପ୍ରକାଶ କରିଛନ୍ତି।

# ସାନଙ୍କ କଟୁରି ଚୋଟରେ ବଡ଼ଭାଇଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା ଅଫିସ,୧୩।୬(ଜଗନ୍ନାଥ ଧଳ)

**ଜମିଜମାକୁ ନେଇ ପାଟିତୁଣ୍ଡ ହୋଇଥିଲା**


ଅଭିଯୁକ୍ତ ସନାତନ ବେହେରା।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମରେ ଜମିଜମା ବିବାଦକୁ ନେଇ ସାନଭାଇଙ୍କ କଟୁରି ଚୋଟରେ ମଙ୍ଗଳବାର ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁପମ ବେହେରା (୩୫ )। ଜମିଜମା ସମସ୍ୟା ନେଇ ସୋମବାର ରାତିରେ ୨ ଭାଇଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ମଙ୍ଗଳବାର ସକାଳୁ ପୁଣି ଉଭୟଙ୍କ ମଧ୍ୟରେ ପାଣି ପାଇପ ପକାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାନଭାଇ ସନାତନ ଏକ ଧାରୁଆ କଟୁରିରେ ଅନୁପମଙ୍କ ମୁଣ୍ଡ, ମୁହଁ ଓ ବେକକୁ ଚୋଟ ଉପରେ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ଅନୁପମ ଗୁରୁତର ହୋଇ ପଡ଼ି ଯାଇଥିଲେ। ତାଙ୍କୁ ଗାଁ ଲୋକେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଅନୁପମଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲରୁ ଡାକ୍ତର ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଘଟଣା ଘଟାଇବା ପରେ ସନାତନ ଫେରାର ହୋଇଯାଇଥିଲେ। ଏ ନେଇ ଅନୁପମଙ୍କ ସ୍ତ୍ରୀ ଉମାରାଣୀ ଥାନାରେ ଏତଲା ଦେଇଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀଙ୍କୁ ସାନଭାଇ ସନାତନ କଟୁରିରେ ହାଣି ହତ୍ୟା କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୩୫୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମଧ୍ୟାହ୍ନ ସାଢେ ୧୨ଟାରେ ଅଭିଯୁକ୍ତ ସନାତନ ଖରିପାଳ ନିକଟ ଏକ ନାଳରେ ଶୋଇଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ସନାତନଙ୍କୁ ଗିରଫ କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ତାଙ୍କ ନିକଟରୁ ପୋଲିସ ହତ୍ୟାରେ ବ୍ୟବହୃତ କଟୁରିକୁ ଜବତ କରିଛି।

ସୂଚନା ଅନୁଯାୟୀ, ଷଣ୍ଢପଲ୍ଲୀ ଗ୍ରାମର ବୈକୁଣ୍ଠ ବେହେରାଙ୍କ ୨ ପୁଅ ଅନୁପମ ଓ ସନାତନ। ଅନୁପମ ବାଙ୍ଗାଲୋରରେ ପାଣି ପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବାବେଳେ ଘରେ ତାଙ୍କ ୩ ଝିଅ ଓ ସ୍ତ୍ରୀ ରୁହନ୍ତି। ସାନଭାଇ ସନାତନ ଗାଁରେ ରହୁଥିଲେ। ୨୦୧୭ରେ ପଟ୍ଟାମୁଣ୍ଡାଇ ବଜାରରେ ଜଣେ ବ୍ୟକ୍ତିଙ୍କ ବେକକୁ ସନାତନ ଖୁରରେ ବେକକୁ କାଟି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ଏ ନେଇ ସେହି ସମୟରେ ସନାତନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଜେଲ ଯାଇଥିଲେ। ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ନଂ.୩୬/୧୭ରେ ଏକ ମାମଲା ଏବେ ବି ବିଚାରାଧୀନ ଅଛି। ଏହି ମାମଲାରେ ବଡ଼ଭାଇ ଅନୁପମ ସନାତନଙ୍କୁ କୋର୍ଟରୁ ବେଲ୍‌ରେ ଆଣିଥିଲେ। ରଜପର୍ବ ପାଇଁ ଅନୁପମ ବାଙ୍ଗାଲୋରରୁ ଗାଁକୁ ଆସିଥିଲେ।

# କୃଷିସୂଚନା, ପରାମର୍ଶ କେନ୍ଦ୍ରରେ ଅବ୍ୟବସ୍ଥା

- କର୍ମଚାରୀ ଅଭାବ
- ଆନ୍ଦୋଳନ ପାଇଁ କୃଷକ ସଙ୍ଗଠନର ଚେତାବନୀ

ରଘୁନାଥପୁର,୧୩।୬(ରାଜେନ୍ଦ୍ର ନାରାୟଣ ସିଂ)

ରଘୁନାଥପୁର ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି। ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଭାବରୁ କୌଣସି କାର୍ଯ୍ୟ ପାଇଁ ଆସୁଥିବା ଚାଷୀଙ୍କୁ ପାଣି ଗ୍ଲାସଟିଏ ବଢ଼େଇ ଦେବାକୁ କର୍ମଚାରୀ ନାହାନ୍ତି। ଏପରି କି ପାଣି ଗ୍ଲାସଟିଏ ଦେବା ପାଇଁ ବ୍ଲକ କୃଷି ଅଧିକାରୀଙ୍କୁ ନିଜ ସିଟ୍‌ରୁ ଉଠି ଯିବାକୁ ପଡୁଛି ବୋଲି ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ ରହିଥିବାବେଳେ ଏହାର ସୁରକ୍ଷା ପାଇଁ ରାତ୍ର ଜଗୁଆଳି ପଦବୀ ଖାଲିପଡ଼ିଛି। ଫଳରେ କାର୍ଯ୍ୟାଳୟ ସମ୍ପତ୍ତିର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ସେହିପରି ଅଫିସରେ ଝାଡୁ ମାରିବା ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ କହିଛନ୍ତି। ଅଫିସରେ ଜଣେ ସହକାରୀ କୃଷି ଅଧିକାରୀ ପଦବୀ ଖାଲିପଡ଼ିଥିବା ବେଳେ ଅନ୍ୟ ଜଣେ କୃଷି ଅଧିକାରୀ ନିକଟରେ ପ୍ରମୋଶନ ପାଇ ବଦଳି ହେଉଛନ୍ତି। ଫଳରେ ୧୯ଟି ପଞ୍ଚାୟତରେ କାମ କରିବାରେ ସମସ୍ୟା ଦ୍ୱିଗୁଣିତ ହେବ ବୋଲି ଅଧିକାରୀ ଦଳେଇ କହିଛନ୍ତି। ଜିଲା କୃଷକ ସଙ୍ଗଠନ ଉକ୍ତ ସମସ୍ୟାକୁ ଗୁରୁତ୍ୱ ଦେବାସହ ତୁରନ୍ତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଇଂ. ଜେନା ଦାବି କରିଛନ୍ତି। ନଚେତ୍ ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬୬ ହଜାର ପ୍ରଦାନ


ରାଜନଗରରେ ସଂଗୃହୀତ ଅର୍ଥକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଯାଉଛି।

ରାଜନଗର, ୧୩।୬(ଭାସ୍କର ରାଉତରାୟ)

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬୬ ହଜାର ୧୯୦ ଟଙ୍କା ପ୍ରଦାନ କରାଯାଇଛି। ଏହି ପାଣ୍ଠି ସଂଗ୍ରହରେ ରାଜନଗର ଥାନା, ବ୍ଲକ, ତହସିଲ ଏବଂ ଜୟଦୁର୍ଗା ବଣିକ ସଂଘର ମିଳିତ ସହଯୋଗରେ ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ବିପନ୍ନ ପରିବାରଙ୍କୁ ସହାୟତା ପାଇଁ ଭିକ୍ଷା ସଂଗ୍ରହ କରାଯାଇଥିଲା। ମଙ୍ଗଳବାର ଏହି ଅର୍ଥ ରାଜନଗର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜନଗର ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ, ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ସମୀର କୁମାର ବେହେରା, ରାଜନଗର ଜୟଦୁର୍ଗା ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଅନିରୁଦ୍ଧ ପରିଡା, ଚିତ୍ତରଞ୍ଜନ ଦାସ, ବାବାଜୀ ମିଶ୍ର, ପ୍ରେମାନନ୍ଦ ଲେଙ୍କା, ନିରଞ୍ଜନ ମହାରଣା, ପ୍ରଦୀପ କୁମାର ମିଶ୍ର, ମହେଶ୍ୱର ସେଠୀ, ନିରଞ୍ଜନ ରାଉତ, ବିଜୟ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମକାଳୀନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ଅଫିସ,୧୩।୬(ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ଦୁର୍ଗା ମଣ୍ଡପଠାରେ ଗ୍ରୀଷ୍ମକାଳୀନ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସତ୍ୟସାଇ ଭଜନମଣ୍ଡଳୀ ସଂଯୋଜକ ଡମ୍ବରୁଧର ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାୟତଃ ଗ୍ରୀଷ୍ମ ସମୟରେ ରୋଗୀଙ୍କ ଚିକିତ୍ସା ପାଇଁ ରକ୍ତର ଘୋର ଅଭାବ ଦେଖାଦେଇଥାଏ। ଏହାକୁ ଉପଲବ୍ଧି କରି ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲା ପ୍ରେମ ସଞ୍ଜିବନୀ ସଂଯୋଜକ ନାରାୟଣ ଦାଶ, କବି ନୃସିଂହ ରାଉତ, ଅଶୋକ ସାହୁ, ଭିକାରୀ ବାରିକ, କୁଞ୍ଜବିହାରୀ ଧଳ, ଦେବେନ୍ଦ୍ର ସାହୁ, କୃତିବାସ ସାହୁ, ଗଗନ ମହାଳିକ, ଚନ୍ଦନ ସାହୁ, ସର୍ବେଶ୍ୱର ଧଳ, ମଧୁସୂଦନ ଦାସ, ରବୀନ୍ଦ୍ର ସାହୁ, ପ୍ରତାପ ତରାଇ, ନରେନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଆସନ୍ତା ୧୮ ତାରିଖରେ ଅଳପୁଆଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ବାଣ ଫୁଟି ନାବାଳକ ଗୁରୁତର

କେନ୍ଦ୍ରାପଡ଼ା ଅଫିସ,୧୩।୬(ଜଗନ୍ନାଥ ଧଳ)

ଅଫୁଟା ବାଣରେ ନିଆଁ ଲଗାଇବା ବେଳେ ହାତରେ ଫୁଟି ଯିବାରୁ ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନରସିଂହପୁର ଗାଁରେ। ନାବାଳକଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବାଣ ବିସ୍ଫୋରଣରେ ନାବାଳକଙ୍କର ହାତର ପାପୁଲି ଛିଡ଼ିବା ସହ ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଇନ୍ଦୁପୁର ଘାଗରା ଗାଁର ରୋନକ ପରିଡା ମାମୁଁ ଘର ନରସିଂହପୁର ଗାଁରେ ରହି ପାଠ ପଢୁଥିଲେ। ସୋମବାର ନରସିଂହପୁର ଗ୍ରାମକୁ ବର ବାଜା ବାଣ ସହିତ ଆସିଥିବା ବେଳେ କେତେଗୋଟି ବାଣ ଫୁଟି ନ ଥିଲା। ରୋନକ ଓ ୩ ଜଣ ନାବାଳକ ଖେଳୁଥିବା ବେଳେ ସେଠାରୁ ଅଫୁଟା ବାଣ ଆଣି ତାକୁ ନିଆଁ ଲଗାଇ ଫୁଟାଉଥିଲେ। ଅଫୁଟା ବାଣ ରୋନକଙ୍କ ହାତରେ ବିସ୍ଫୋରଣ ହୋଇଥିଲା।

# ବିଜେଡିର ମିଶ୍ରଣ ପର୍ବ


ପଞ୍ଚୁବରାହୀ ପୀଠରେ କଂଗ୍ରେସ ନେତା ଓ କର୍ମୀମାନେ ବିଜେଡିର ସାମିଲ ହେଉଛନ୍ତି।

ରାଜନଗର, ୧୩।୬ରେ (ଭାସ୍କର ରାଉତରାୟ)

**ସାତଭାୟାର ସରପଞ୍ଚ, ସମିତି ସଭ୍ୟ, ଶତାଧିକ ପରିବାର**

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ, ୨ ପୂର୍ବତନ ସମିତିସଭ୍ୟଙ୍କ ସହ ୱାର୍ଡସଭ୍ୟଙ୍କ ସମେତ ଶତାଧିକ କଂଗ୍ରେସ ପରିବାର ବିଜେଡିରେ ସୋମବାର ସାମିଲ ହୋଇଛନ୍ତି। ସମୁଦ୍ର ଆଁ ମୁହଁରୁ ସାତଭାୟାବାସୀଙ୍କୁ ଆଣି ବଗପାଟିଆ ଥଇଥାନସ୍ଥଳରେ ଥଇଥାନ କରାଯାଇଛି। ଥଇଥାନସ୍ଥଳର ବିକାଶ ପାଇଁ ରାଜ୍ୟ ସରକାର ମେ' ମାସରେ ୨୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି। ୫-ଟି ସଚିବ ରାଜନଗର ଗସ୍ତରେ ଆସିଥିବା ବେଳେ ସାତଭାୟା ଥଇଥାନସ୍ଥଳରେ ପହଞ୍ଚି ଏହାକୁ ମଡେଲ ଭିଲେଜ କରାଯିବ ବୋଲି ଘୋଷଣା କରିବା ସହ ଅନୁଦାନ ଯୋଗାଇ ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ କାମ ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଦୃଢ ନେତୃତ୍ୱକୁ ସମର୍ଥନ ଜଣାଇ ଶତାଧିକ କଂଗ୍ରେସ ପରିବାର ଓ ନେଥା ବିଜେଡିରେ ସାମିଲ ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ଆରାଧ୍ୟା ଦେବୀ ମା' ପଞ୍ଚୁବରାହୀଙ୍କ ମନ୍ଦିର ନିକଟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ଉପସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବର୍ତ୍ତମାନର ସରପଞ୍ଚ ପ୍ରସନ୍ନ ପରିଡା, ସମିତିସଭ୍ୟ କୌଶିକ କୁମାର ବେହେରା, ନାଏବ ସରପଞ୍ଚଙ୍କ ପ୍ରତିନିଧି ବିଚିତ୍ର କୁମାର ସେଠୀ, ପୂର୍ବତନ ସମିତିସଭ୍ୟ ନିରଞ୍ଜନ ସ୍ୱାଇଁ, ଜ୍ଞାନ ରଞ୍ଜନ ପଣ୍ଡା, ୱାର୍ଡ ସଭ୍ୟ ନିରଞ୍ଜନ ସେଠୀ, ଶତ୍ରୁଘ୍ନ ମଲ୍ଲିକ, ନୀଳମଣି ଦାସ, ବରିଷ୍ଠ ନେତା କାବୁଲ ପ୍ରସାଦ ବିଶ୍ୱାଳ, ସୁରେନ୍ଦ୍ର ନାଥ ପାତ୍ର, ମଧୁସୂଦନ ମୁଦୁଲି ପ୍ରମୁଖ ଶତାଧିକ କଂଗ୍ରେସ ସମର୍ଥିତ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ରାଜନଗର ବିଧାୟକ ସାହୁ ଏହି ମିଶ୍ରଣ ପର୍ବରେ ଯୋଗଦେଇ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ସାତଭାୟାର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ରଶ୍ମୀ ରଞ୍ଜିତା ସ୍ୱାଇଁ, ମଙ୍ଗୁଳି ଚରଣ ଦାସ, କରୁଣାକର ସ୍ୱାଇଁ, ନିଗମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅର୍ଥକରୀ ଫସଲ ଆଖୁଚାଷ ତଳମୁହାଁ

କେନ୍ଦ୍ରାପଡ଼ା ଅଫିସ,୧୩।୬(ଜଗନ୍ନାଥ ଧଳ)


ପଟ୍ଟାମୁଣ୍ଡାଇ ଏକ କ୍ଷେତରେ ଆଖୁ କଟାଯାଇ ଟ୍ରକ୍‌ରେ ନିଆଯାଉଛି।

- କୃଷି ଅର୍ଥନୀତିଭିତ୍ତିକ ଜିଲାରେ ଚାଷ ବିପର୍ଯ୍ୟସ୍ତ
- ଜଳ ପରିଚାଳନା, ମଣ୍ଡିର ଅଭାବ
- ନଦୀ ସଂଯୋଗୀକରଣ, କେନାଲ ଆବଶ୍ୟକ

କେନ୍ଦ୍ରାପଡ଼ା ଜିଲାର ୭୦ ପ୍ରତିଶତ ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ତେବେ ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ଦୀର୍ଘଦିନ ଧରି ହେଉନାହିଁ। ପ୍ରାୟ ୧୫ ହଜାର ହେକ୍ଟର ଅଞ୍ଚଳରେ ହେଉଥିବା ଆଖୁଚାଷ ଚଳିତବର୍ଷ ୧ ହଜାର ହେକ୍ଟରକୁ ଛୁଇଁପାରିନାହିଁ। ସେହିପରି ଝୋଟ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଗବେଷଣା କେନ୍ଦ୍ର ଏବେ ଅକାମୀ ହୋଇପଡ଼ିଛି। ହରଡ଼, ସୂର୍ଯ୍ୟମୁଖୀଠାରୁ ଆରମ୍ଭକରି ବହୁ ଅର୍ଥକରୀ ଫସଲ ଉତ୍ପାଦନ, ବିକ୍ରି ପାଇଁ ଜଳ ପରିଚାଳନା ଓ ମଣ୍ଡିର ଅଭାବ ଦେଖାଦେଇଛି। ଉନ୍ନତ ଜ୍ଞାନକୌଶଳ ପ୍ରଦାନ ସହ ଉପାନ୍ତ ଅଞ୍ଚଳରେ ଥିବା ନଦୀଗୁଡ଼ିକ ସଂଯୋଗୀକରଣ ପାଇଁ ଏକ ବୃହତ୍ କେନାଲର ଆବଶ୍ୟକତା ଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ପଟ୍ଟାମୁଣ୍ଡାଇର ଆଖୁଚାଷୀ ଅକ୍ଷୟ ବେହେରା କହିଛନ୍ତି, ଜିଲାର ଗରଦପୁର, ମାର୍ଶାଘାଇ, ଡେରାବିଶ, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ୧୦ ବର୍ଷ ପୂର୍ବେ ଆଖୁଚାଷକୁ ପ୍ରାଧାନ୍ୟ ଦେଉଥିଲେ। ତତ୍କାଳୀନ ସମୟରେ ୧୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଅଞ୍ଚଳରେ ଆଖୁଚାଷ ହେଉଥିଲା। ନିକଟସ୍ଥ କୃଷ୍ଣଦାସପୁରରେ ଏକ ଆଖୁ ମିଲ୍ ହୋଇଥିଲା। ଏହି ମିଲ୍ ବନ୍ଦ ହେବା ସହିତ କ୍ଷେତକୁ ଜଳ ପରିଚାଳନା ଆଖୁ ଚାଷକୁ ନଷ୍ଟ କରିଛି। ବୃହତ୍ ବଜାର ଅଭାବରୁ ପର୍ବପର୍ବାଣି ପାଇଁ ମାତ୍ର ହଜାର ହେକ୍ଟର ଅଞ୍ଚଳରେ ଏବେ ଚାଷ ହେଉଛି। କେନ୍ଦ୍ରାପଡ଼ା ବ୍ଲକ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି, ଜିଲାରେ ଚାଷକରି ସାମ୍ପ୍ରତିକ ସମୟରେ ପରିବାର ପ୍ରତିପୋଷଣ କରିବା ବଡ଼ କଷ୍ଟକର। ୧୫ ଏକର ଜମିରେ ହରଡ଼ ଓ ସୂର୍ଯ୍ୟମୁଖୀ ଚାଷ ହେଉଥିବା ବେଳେ ଚଳିତବର୍ଷ ମଜୁରି ମୂଲ୍ୟ, ଜଳଯୋଗାଣ ଆଦି ଅସୁବିଧା ସୃଷ୍ଟି ହେବାରୁ କ୍ଷେତ ପଡ଼ିଆ ରହିବ। ବଜାରରେ ଉପଯୁକ୍ତ ମୂଲ୍ୟ ନ ମିଳିବାରୁ ବାଧ୍ୟହୋଇ ୨ ପୁଅ କର୍ମନିଯୁକ୍ତି ପାଇଁ ସୁରଟକୁ ଯାଇଛନ୍ତି। କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ସ୍ଲୋଗାନ ଓ ରାଜ୍ୟ ସରକାରଙ୍କ କେନ୍ଦ୍ରାପଡ଼ା ଜିଲାର କୃଷି ପ୍ରତି ବିଶେଷ ଧ୍ୟାନଦେବା ପ୍ରତିଶ୍ରୁତି ଏଠାରେ କାର୍ଯ୍ୟକାରୀ ହେଉନାହିଁ। ଦୀର୍ଘ ୨୮ ବର୍ଷ ଧରି ଜଳସେଚନ ପାଇଁ କେନାଲ ଖନନ ହୋଇ ନ ଥିବା ବେଳେ ଖରିଫ ଧାନ ଚାଷ ସମୟରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ରାଜ୍ୟରେ ପ୍ରତିବର୍ଷ ୨.୨୧ ଲକ୍ଷ ମେଟ୍ରିକ ଟନ ଚିନିର ଆବଶ୍ୟକତା ଅଛି। ଏଥିପାଇଁ ଆଖୁଚାଷକୁ ପ୍ରୋତ୍ସାହନ ମିଳିବା କଥା। କେନ୍ଦ୍ରାପଡ଼ା ଜିଲାରେ ଏହି ଚାଷ ଏବେ ତଳମୁହାଁ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଚିନିକଲକୁ ବନ୍ଦ କରାଯାଉଛି। ଉପଯୁକ୍ତ ବଜାର ମଣ୍ଡି ନ ହେଲେ ଚାଷୀ କ୍ଷତି ସହିବେ। ବୁଦ୍ଧିଜୀବୀ ମୀର ଅବୁ ଓବେଦା କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ପାଇଁ ଜଳ ପରିଚାଳନା ଏକ ବଡ଼ ସମସ୍ୟା। ଏହାର ସମାଧାନ ପାଇଁ ଉପାନ୍ତ ଅଞ୍ଚଳରେ ଥିବା ନଦୀର ସଂଯୋଗୀକରଣ କେନାଲ ଆବଶ୍ୟକ। ବନ୍ୟା ସମୟରେ ଏହାକୁ ସୁପରିଚାଳନା କରିହେବ। ସେହିପରି ବିଭିନ୍ନ ବ୍ଲକେଜ ମାଧ୍ୟମରେ କ୍ଷେତକୁ ଜଳସେଚନ ହୋଇପାରିବ। ଏ ସମ୍ପର୍କରେ ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ରଙ୍କୁ ପଚାରିବାରେ କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟ ଜୋନ୍‌ରେ ଅଛି। ଜିଲାରେ ଚାଷ ପାଇଁ ଉପଯୁକ୍ତ ପରିମାଣରେ ବର୍ଷା ହେଉଥିଲେ ମଧ୍ୟ ୪ ପ୍ରକାର ମାଟି ଅଛି। ଏହାକୁ ଭିତ୍ତିକରି ସମନ୍ୱିତ ଚାଷକୁ ଗୁରୁତ୍ୱ ଦିଆଯାଇଛି। ପୋଖରୀ, ପନିପରିବା, ଫଳ ଗଛ ଲଗାଇବାକୁ ପରାମର୍ଶ ଦିଆଯାଉଛି। ସେହିପରି ଛେଳି, କୁକୁଡ଼ା ଫାର୍ମ, ଛତୁ, ହଳଦୀ ଓ ଔଷଧୀୟ ବୃକ୍ଷ ଜିଲାର ଅର୍ଥନୀତିକ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭାଇଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼, ୭ ଗିରଫ

ଆସିକା,୧୩।୬(ସୁରେନ୍ଦ୍ର ନାଥ ସାହୁ): ଗାଙ୍ଗପୁର ଥାନା ଅନ୍ତର୍ଗତ ମହୁଲପଲ୍ଲୀ ଗ୍ରାମରେ ରବିବାର କେ.ସୁନ୍ଦରାପଲ୍ଲୀ ଗ୍ରାମର ୨ ଭାଇ ରଞ୍ଜିତ ମଲିକ ଓ ଅମିତ ମଲିକଙ୍କୁ ଖୁଣ୍ଟରେ ବାନ୍ଧି ମାଡ ମରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ସୋମବାର ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀପ ମଲିକ, ତାରିଣୀ ମଲିକ, ଟିଟୁ ମଲିକ, ପାଣ ମଲିକ, ଅଜୟ ମଲିକ, ତାରିଣୀ ମଲିକ, ଶ୍ରୀକନ୍ତ ମଲିକ। ଅଭିଯୁକ୍ତମାନଙ୍କ ଘର ରାମନାପଲ୍ଲୀ ଗ୍ରାମରେ। ପୋଲିସ ୪୩୫/୨୩ରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସୁନ୍ଦରାପଲ୍ଲୀ ଗ୍ରାମର ବିଳାସିନୀ ମଲିକ ଓ ତାଙ୍କ ଦୁଇ ପୁଅ ରଞ୍ଜିତ ଓ ଅମିତ ଭୋଜି ଖାଇବା ଲାଗି ମହୁଲପଲ୍ଲୀ ଗ୍ରାମକୁ ଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏହି ଦୁଇ ଭାଇଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କୁ ଉଦ୍ଧାର କରିଥିଲା।

### ପୋଖରୀରେ ବୁଡ଼ି ଜଣେ ମୃତ

ପୋଲସରା,୧୩।୬ (ସୁବ୍ରତ ବେହେରା): ପୋଲସରା ଥାନା ଅଧୀନ ଢୁଙ୍କାପଡ଼ା ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଜୟ ପ୍ରଧାନ। ବିଜୟ ପୋଖରୀକୁ ଶୌଚ ହେବା ଲାଗି ଯାଇଥିବା ବେଳେ କୌଣସି କାରଣରୁ ଗୋଡ଼ ଖସି ଯାଇଥିଲା। ଫଳରେ ପାଣିରେ ବିଜୟ ବୁଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପୂର୍ବତନ ସରପଞ୍ଚ ପ୍ରତିନିଧି ବସନ୍ତ ଜେନା, ପୂର୍ବତନ ସମିତି ସଭ୍ୟ ବିଦ୍ୟାଧର ଭୂୟାଁ ଓ ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ.୫/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ମୃତ ଅଧକ୍ଷାଙ୍କ ପରିବାରଙ୍କୁ ଭେଟିଲେ ବୁଗୁଡ଼ା ବ୍ଲକ ଅଧକ୍ଷା

ବୁଗୁଡା,୧୩।୬(କାଳୀଚରଣ ଦାଶ): ଦିଗପହଣ୍ଡି ବ୍ଲକ ଅଧକ୍ଷା ସୁନିତା ସେଠୀଙ୍କ ଅକାଳ ବିୟୋଗ ଘଟିଛି। ଖବର ପାଇ ବୁଗୁଡା ବ୍ଲକ ଅଧକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ ଏବଂ ପ୍ରତିନିଧି କେ. ନୀଳମାଧବ ଆଚାରୀ, ପୋଲସରା ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ ପ୍ରମୁଖ ମଙ୍ଗଳବାର ମୃତ ଅଧକ୍ଷାଙ୍କ ପରିବାରରୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ମୃତ ସୁନିତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଦୂଷିତ ପୋଖରୀ ଜଳ ଉପରେ ଭରସା

**ଅଜୟ କୁମାର ମହାରଣା**
ଖଣ୍ଡପଡ଼ା,୧୩।୬

ରାଜରାଜୁଡା ଅମଳରେ ଗାଁର ନାମ ଦିଆଯାଇଥିଲା କାଦୁଆ । ଆଜିର ସ୍ଥିତି ଦେଖିଲେ ସେହି ଗାଁର ନାମ କାଦୁଆ ଦେବାର ଯଥାର୍ଥତା ରହିଛି । ଗାଁରେ ସ୍ୱଚ୍ଛ ଜଳଉତ୍ସ ନାହିଁ। ଲୋକେ କାଦୁଅ ପୋଖରୀ ପାଣିରେ ସ୍ନାନ ଶୌଚାଦି କରୁଛନ୍ତି । ଏପରି କି ଅଧିକାଂଶ ସମୟରେ ସେହି ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଏ ସଂକ୍ରାନ୍ତରେ ଗ୍ରାମବାସୀ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ମଧ୍ୟ ଅବଗତ କରିଛନ୍ତି । ହେଲେ କେହି ଗ୍ରାମବାସୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି ।

ଏବେ ଗ୍ରୀଷ୍ମ ପ୍ରବାହ ସମୟରେ ଗ୍ରାମବାସୀ ସ୍ନାନ ଶୌଚାଦି ଓ ଗୃହପାଳିତ ପଶୁଙ୍କୁ ଗାଧୋଇବା ପାଇଁ ଗାଁର ୨ଟି ପୋଖରୀ ଉପରେ ନିର୍ଭର କରିଥାନ୍ତି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସେହି ପୋଖରୀଦ୍ୱୟର ପାଣି ହ୍ରାସ ପାଇ କର୍ଦ୍ଦମାକ୍ତ ହୋଇ ପଡିଛି । ତଥାପି ଭାଗ୍ୟକୁ ଆଦରି ଗ୍ରାମବାସୀ ସେହି ପୋଖରୀ ପାଣି ଉପରେ ଭରସା କରି ଦିନ କାଟୁଛନ୍ତି । ସୂଚନା ଅନୁଯାୟୀ,ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ଅଧୀନ ୫,୬ ଓ ୭ନଂ. ୱାର୍ଡର ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଲୋକ କାଦୁଆ ଗ୍ରାମରେ ବାସ କରୁଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇଛି । ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଟଙ୍କାକିଆ ଏବଂ ମାଗଣା ଚାଉଳ ଯୋଗାଉଛନ୍ତି । ଛାତ୍ରୀଛାତ୍ରଙ୍କୁ ସାଇକେଲ, ବହି ମିଳୁଛି । ଏହାଛଡା ପିଲାମାନଙ୍କୁ ପୋଷାକ ସହିତ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି । ଚାଷୀଙ୍କୁ ଋଣ ଓ ବିହନ ଦେବା ପାଇଁ ଯୋଜନା ରହିଛି। କିନ୍ତୁ ଗାଁ ଗହଳିରେ ବାସ କରୁଥିବା ଲୋକମାନଙ୍କ ପାଇଁ ଆବଶ୍ୟକ ପାନୀୟ ଜଳ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। କାଦୁଆ ଗ୍ରାମ ଏହାର ଜ୍ୱଳନ୍ତ ଉଦାହରଣ । ଗ୍ରାମର ଉପକଣ୍ଠ ଗତିଶ୍ୱର ଦେବଙ୍କ ମନ୍ଦିର ସମ୍ମୁଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଓଭରହେଡ ପାଣି ଟାଙ୍କି, ଇନ୍‌ଟେକୱେଲ ସହ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ମାତ୍ର ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ଇନ୍‌ଟେକୱେଲର ଜଳଧାରଣା କ୍ଷମତା ସମୟାନୁକ୍ରମେ ହ୍ରାସ ପାଇବାରେ ଲାଗିଛି । ଫଳରେ ପାଇପ୍ ଲାଇନ ଯୋଗେ ଗ୍ରାମବାସୀଙ୍କୁ ଚାହିଦା ମୁତାବକ ଜଳ ଯୋଗାଣ ସମ୍ଭବପର ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ହୋତାଙ୍କ ସହ ଯୋଗାଯୋଗ କରିବାରେ ଇନ୍‌ଟେକୱେଲର ପାଣି ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ ପାଇଁ କୌଣସି ଅସୁବିଧା ନାହିଁ। ତେବେ ପ୍ରକଳ୍ପ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ କିଛି ସମସ୍ୟା ହୋଇ ପାରିଥାଏ ବୋଲି ହୋତା ପ୍ରକାଶ କରିଥିଲେ । ଅପରପକ୍ଷେ ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିଲେ ହେଁ ସ୍ଥାନୀୟ ବାସିନ୍ଦା ବାଧ୍ୟ ହୋଇ ସେହି ପାଣିକୁ ବ୍ୟବହାର କରୁଛନ୍ତି । ଗ୍ରାମ କମିଟି ସଭାପତି ମଦନ ପାତ୍ର, ଗ୍ରାମ କମିଟି ସଭ୍ୟ ବୈଦ୍ୟନାଥ ସାହୁ, ଅଭି ଗୁରୁ, ବିଜୟ କୁମାର ରାଉତ, ଶବର ମଲ୍ଲିକ ପ୍ରମୁଖଙ୍କ କହିବା ମୁତାବକ ଗ୍ରାମରେ ୫ଟି ନଳ କୂପରୁ ଲୁହାଳିଆ ପାଣି ବାହାରୁଛି ଏବଂ ସେଗୁଡିକ ଫ୍ଲୋରାଇଡଯୁକ୍ତ ହୋଇଥିବାରୁ ପାନୀୟ ଉପଯୋଗୀ ନୁହେଁ।

ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଭୂତଳ ଜଳସ୍ତର ହ୍ରାସ ପାଉ ଥିବାରୁ ଗ୍ରାମରେ ଥିବା ଦଶମାଣ, ତଳସାହି ଓ ବ୍ରାହ୍ମଣ ସାହି ୩ଟି କୂଅ ଶୁଖିଲା ପଡିଛି । ଗ୍ରାମରେ ଥିବା ୨ଟି ପୋଖରୀରୁ ପଞ୍ଚାୟତ ଅଧୀନରେ ଥିବା ଭଗବାନ ସାଗର ପୋଖରୀର ପାଣି କ୍ରମଶଃ ହ୍ରାସ ପାଉଛି । ସେହି ପୋଖରୀ ଜଳର ଉପରିଭାଗରେ ନାଲି ନେଳି ରଙ୍ଗର ଆସ୍ତରଣରେ ପୁରି ରହି ଦୂଷିତ ହେବା ଯୋଗୁ ବ୍ୟବହାର ଉପଯୋଗୀ ହେଉ ନ ଥିବା ସେମାନେ ପ୍ରକାଶ କରିଛନ୍ତି । ସେହିପରି ଗତିଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ଜଗନ୍ନାଥଙ୍କ ପୋଖରୀଟି ଖଣ୍ଡପଡା ରାଜ ପରିବାର ତତ୍ତ୍ୱାବଧାନରେ ଥିବାରୁ କେତେବେଳେ କେମିତି ଉକ୍ତ ପୋଖରୀଟିକୁ ସଫା କରାଯାଉଥିବାରୁ ଉକ୍ତ ପୋଖରୀ ଉପରେ ଗ୍ରାମବାସୀ ସ୍ନାନ ଶୌଚାଦି ପାଇଁ ନିର୍ଭର କରିଥାନ୍ତି । ଏହି ପୋଖରୀ ଲୋକ ତଥା ଗୃହପାଳିତ ପଶୁମାନଙ୍କ ସାହା ଭରସା ବୋଲି ଗ୍ରାମବାସୀ କହିଛନ୍ତି । ଉକ୍ତ ପୋଖରୀରେ ଗଛର ଡ଼ାଳପତ୍ର ଓ ବାହାରର ବର୍ଜ୍ୟବସ୍ତୁ ପଡି ଦୂଷିତ ହୋଇ ପାଣି ଶୁଖି ଯାଇଥିଲେ ମଧ ସେହି ପଙ୍କ କାଦୁଅ ପାଣି ଯୋଗୁ ଆମେ ଚଳି ଯାଉଛୁ ବୋଲି ଗ୍ରାମର ମୁରବୀ କହିଛନ୍ତି । ସରକାରଙ୍କ ବସୁଧା ଯୋଜନା ଫେଲ ମାରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକଳ୍ପର ପାଣି କିଛି ମାତ୍ରାରେ ପାନୀୟ ଜଳର ଆବଶ୍ୟକତା ମେଣ୍ଟାଉଥିଲା । ମାତ୍ର ଗତ ୪ ଦିନ ପୂର୍ବରୁ କାଳ ବୈଶାଖୀ ପ୍ରଭାବରେ ଗଛଡାଳ ପଡି ୫ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି । ଫଳରେ ୪ ଦିନ ହେଲା ପ୍ରକଳ୍ପର ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାଲୁ ଦାବି ହେଉଛି । ତେବେ ବିଦ୍ୟୁତ୍ ବ୍ୟବସ୍ଥାକୁ ଖୁବ୍‌ଶୀଘ୍ର ମରାମତି କରାଯାଇ ସ୍ୱାଭାବିକ କରାଯିବ ବୋଲି କଣ୍ଟିଲୋ ସେକ୍‌ସନ୍ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।


ଜଗନ୍ନାଥ ପୋଖରୀ


କାଦୁଆ ପୋଖରୀ

**ବିଶୁଦ୍ଧ ପାନୀୟ ଜଳ ଯେଉଁଠି ସ୍ୱପ୍ନ**

### ବାଇକ୍ ଦୁର୍ଘଟଣା ମାଉସୀ ମୃତ, ପୁତୁରା ଗୁରୁତର

ମୋହନା,୧୩।୬(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ଥାନା ଦମାଦୁଆ ଗ୍ରାମ ନିକଟରେ ମଙ୍ଗଳବାର ବାଇକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦାର୍ଶିଙ୍ଗବାଡ଼ି ଗ୍ରାମର ହେମନ୍ତୀ ନାୟକ। ଆହତ ଜଣକ ତାଙ୍କ ପୁତରା କନ୍ଧମାଳ ଜିଲା ସାରାମୂଳି ପଞ୍ଚାୟତ ଅନ୍ତର୍ଗତ ବୁଢୁସୁଲା ଗ୍ରାମର ଜୟନ୍ତ ବଳିଆରସିଂ। କୌଣସି ଘରୋଇ କାର୍ଯ୍ୟରେ ଅଡବା ଆସି ନିଜ ଗ୍ରାମକୁ ବାଇକରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ବାଇକଟି ଦମାଦୁଆ ଗ୍ରାମ ନିକଟ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ହେମନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଆହତ ଜୟନ୍ତଙ୍କୁ ପ୍ରଥମେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଡବା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ହେମନ୍ତୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

### ସୁନା ଅଳଙ୍କାର, ଲକ୍ଷାଧିକ ଟଙ୍କା ଲୁଟ୍

ଦିଗପହଣ୍ଡି,୧୩।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୁଞ୍ଜିକୟାଁ ଛକ ପୁଡାମାରି ରୋଡରେ ରହୁଥିବା କୁନା ବିଷୋୟୀଙ୍କ ତାଲା ବନ୍ଦ ଥିବା ଘରୁ ୧ ଲକ୍ଷ ୮୫ ହଜାର ଟଙ୍କା ଏବଂ ପ୍ରାୟ ୬୦ ଗ୍ରାମ ଓଜନର ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍ୱପ୍ନାରାଣୀଙ୍କ ଏତଲା କ୍ରମେ ପୋଲିସ ନଂ. ୨୧୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମଙ୍ଗଳବାର ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି।

# ରାଜ୍ୟପାଳଙ୍କ ଦ୍ୱାରା ୨ ପୁସ୍ତକ ଉନ୍ମୋଚିତ

**ଲୋକନାଥ ମିଶ୍ର**
ନୟାଗଡ଼ ଅଫିସ,୧୩।୬

ଭାରତୀୟ ଯୁବ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ଡ୍ରିମିଂ ବିହାଇଣ୍ଡ ଦ ସ୍ୟାଡୋ ଓ ଏ ହାଣ୍ଡବୁକ୍ ଅନ୍ ହ୍ୟୁମ୍ୟାନ ରାଇଟ୍ ଟୁ ୱାଟର ଆଣ୍ଡ ସାନିଟେଶନ ଇଂ. ଇଣ୍ଡିଆ ପ୍ରମୁଖ ଦୁଇଟି ପୁସ୍ତକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଉକ୍ତ ପୁସ୍ତକଦ୍ୱୟ ସମାଜ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସାମାଜିକ କାର୍ଯ୍ୟକ୍ରମ ନିମନ୍ତେ ପଥ ପ୍ରଦର୍ଶକ ହୋଇପାରିବ ବୋଲି ପ୍ରକାଶକ ଆଶାବ୍ୟକ୍ତ କରିଛନ୍ତି । ଉକ୍ତ ପୁସ୍ତକ ଉନ୍ମୋଚନ ଅବସରରେ ପ୍ରକାଶକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସହିତ ମୈତ୍ରୀ ସଙ୍ଗଠନର ପ୍ରଦୀପ କୁମାର ସାହୁ, ଜଳ ଓ ପରିମଳ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ବିପିନ ବିହାରୀ ପଣ୍ଡା, ବିନାୟକପୁରର ଜଳ ଓ ପରିମଳ ସମ୍ପର୍କିତ ପରାମର୍ଶଦାତା ଗୌରୀ ମିଶ୍ର ଓ ସୁରେଖା ମିଶ୍ର ଉପସ୍ଥିତ ଥିଲେ । ରାଜ୍ୟପାଳ, ପୁସ୍ତକ ଦୁଇଟିର ଲୋକପ୍ରିୟତା ବଢିବ ବୋଲି ମତାମତ ଦେଇଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୨ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

### ଯୌତୁକ ନିର୍ଯାତନା ମାମଲା, ସ୍ୱାମୀ ଗିରଫ

ପାରଳାଖେମୁଣ୍ଡି, ୧୩।୬(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନାରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଚିନ୍ତାପଲ୍ଲୀ ଗ୍ରାମର ଏମ. ସୋମେଶ୍ୱ ତାଙ୍କ ସ୍ତ୍ରୀ ଏମ. ମୋହିନୀଙ୍କୁ ଯୌତୁକ ଜନିତ ନିର୍ଯାତନା ଦେଉଥିଲେ। ଏନେଇ ମୋହିନୀ ଗାରବନ୍ଧ ଥାନାରେ ଅଭିଯୋଗ କରିଥିଲେ। ତେବେ ସୋମେଶ୍ୱ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ଚାପ ପକାଇଥିଲେ । ହେଲେ ମୋହିନୀ ମାନି ନଥିବାରୁ ସୋମେଶ୍ୱ ନିଜ ଝିଅ ଏବଂ ପତ୍ନୀ ମୋହିନୀଙ୍କୁ ନିସ୍ଥୁକ ପିଟିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ ଅନୁସନ୍ଧାନ କରିବା ପରେ ଅଭିଯୁକ୍ତ ସୋମେଶ୍ୱକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଦେଇଛନ୍ତି। ଏନେଇ ଥାନାରେ ୪୩/୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଲା କାର୍, ୨ ଗୁରୁତର

**ଧନେଶ୍ୱର ସାହୁ**
ନୂଆଗାଁ,୧୩।୬

ନୟାଗଡ଼ ଜିଲା ନୂଆଗାଁ ଥାନା ପଞ୍ଚୁପାଣ୍ଡବ ନିକଟରେ ସୋମବାର ରାତିରେ ଏକ କାର ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ଫଳରେ ୨ ଜଣ ଗୁରୁତର ହୋଇଛନ୍ତି । ନୂଆଗାଁ ଥାନା ପୋଲିସ ଆହତଦ୍ୱୟଙ୍କୁ ଅଗ୍ନିଶମ ବାହିନୀ ଗାଡ଼ିରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।

ସୂଚନା ଅନୁଯାୟୀ, ଏକ କାର(ନଂ.ଓଡି ୧୭ ଡବ୍ଲ୍ୟୁ୨୭୨୮) ରୋଗୀକୁ ନେଇ ବରଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ସେଥିରେ ରୋଗୀ ଓ କାର ଚାଳକଙ୍କ ସହ ଅନ୍ୟ ୨ ଜଣ ବ୍ୟକ୍ତି ଥିଲେ । ରାତିରେ ଭାରସାମ୍ୟ ହରାଇ କାରଟି ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥ କଡରେ ପଞ୍ଚୁପାଣ୍ଡବ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଯାଇଥିଲା । ଫଳରେ କାରଟିର ସମ୍ମୁଖ ଭାଗ ଭାଙ୍ଗିଯିବା ସହିତ ୨ ଯାତ୍ରୀ ଗୁରୁତର ହୋଇଛନ୍ତି ।


ଦୁର୍ଘଟଣାଗ୍ରସ୍ତ କାର୍।

# ସେମିଫାଇନାଲରେ ରୟାଲ କିଙ୍ଗ୍

**ଆଦର୍ଶ କୁମାର ପଟ୍ଟନାୟକ**
ଓଡ଼ଗାଁ,୧୩।୬

**୧୪ତମ ଓଡ଼ଗାଁ କ୍ରିକେଟ ଲିଗ୍**

ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ୧୪ ତମ ଓଡ଼ଗାଁ କ୍ରିକେଟ ଲିଗ୍‌ର ରବିବାର ୪ର୍ଥ ଦିବସର ୩ ମ୍ୟାଚ୍ ଓ ଗୋଟିଏ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଇଲ ଇଲେଭେନ, ଓଡ଼ଗାଁ ସୁପର କିଙ୍ଗ, ଇଲେଭେନ ଇମ୍ପାରାର ବିଜୟୀ ହୋଇଥିବା ବେଳେ ରୟାଲ କିଙ୍ଗ୍ ସେମି ଫାଇନାଲକୁ ଉନ୍ନୀତ ହୋଇଛି । ପ୍ରଥମ ମ୍ୟାଚ୍ ସ୍ୱାଇଲ ଇଲେଭେନ ଓ ଗ୍ରୀନ ହଣ୍ଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସ୍ୱାଇଲ ଇଲେଭେନ ବ୍ୟାଟିଂ ଆରମ୍ଭ କରି ୧୨ ଓଭରରେ ୧୧୦ ରନ କରିଥିଲା । ଜବାବରେ ଗ୍ରୀନ ହଣ୍ଟର ସମସ୍ତ ଉଇକେଟ ବିନିମୟରେ ୯୦ ରନ କରି ପରାଜିତ ହୋଇଥିଲା । ଲିକୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ସେହିପରି ୨ୟ ମ୍ୟାଚ୍ ରୟାଲ ନାଇଟସ ଓ ଓଡ଼ଗାଁ ସୁପର କିଙ୍ଗ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରୟାଲ ନାଇଟସ ବ୍ୟାଟିଂ ଆରମ୍ଭ କରି ୧୧.୨ ଓଭରରେ ୭୧ ହାସଲ କରିଥିବା ବେଳେ ଜବାବ୍‌ରେ ଓଡ଼ଗାଁ ସୁପରକିଙ୍ଗ ୯.୪ ଓଭରରେ ବିଜୟ ପାଇଁ ଆବଶ୍ୟକ ୭୧ ରନ ହାସଲ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ରୋହନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଏହି ଦିବସର ୩ୟ ମ୍ୟାଚ୍ ସ୍କାଇ ୱାକର ଓ ରୟାଲ କିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରୟାଲ କିଙ୍ଗ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ ବିନିମୟରେ ୧୨୯ ରନ ହାସଲ କରିଥିବା ବେଳେ ଜବାବ୍‌ରେ ପ୍ରତିପକ୍ଷ ସ୍କାଇ ୱାକର ସମସ୍ତ ୧୨ ଓଭରରେ ୯ ଉଇକେଟ ହରାଇ ୧୨୬ ରନ କରିଥିବାରୁ ରୟାଲ କିଙ୍ଗ ୩ ରନରେ ବିଜୟୀ ହେବା ସହିତ ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଏହି ଦଳର ସୁଦୀପ୍ତ ୩୦ ବଲରୁ ୯ଟି ଛକା ଓ ଗୋଟିଏ ଚୌକା ମାରି ସର୍ବାଧିକ ୬୮ ରନ ସଂଗ୍ରହ କରିଥିବାରୁ ମ୍ୟାଚ୍ ଅଫ୍ ଦି ମ୍ୟାଚ ଟାଇଟଲ ହାସଲ କରିଥିଲେ । ୪ର୍ଥ ମ୍ୟାଚ୍ ଇଲେଭେନ ଏମ୍ପାରାର ଓ ୩ଡି ଇମୋର୍ଟାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଇଲେଭେନ ଏମ୍ପାରାର ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭର ଓ ୫ ଉଇକେଟ ବିନିମୟରେ ୧୭୨ ରନ ହାସଲ କରିଥିଲା । ଜବାବରେ ୩ଡି ଇମୋର୍ଟାଲ ୧୨ ଓଭର ଓ ୯ ଉଇକେଟ ହରାଇ ମାତ୍ର ୧୧ ରନ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଇଲେଭେନ ଏମ୍ପାରାର ୬୧ ରନରେ ବିଜୟୀ ହୋଇଥିଲା । ବିଜୟୀ ଦଳର ଜ୍ୟୋତି ପ୍ରକାଶ ମାଝିଙ୍କ ଆକର୍ଷଣୀୟ ପ୍ରଦର୍ଶନ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ରାମଜନ୍ମ ସେବା ସଦନ ତରଫରୁ ସମସ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଆସୋସିଏଶନ ସମ୍ପାଦକ ଦିବକାର ନାୟକଙ୍କ ଦ୍ୱାରା ଓସିଏଲ ପରିଚାଳନା ହେଉଥିବା ବେଳେ ସମସ୍ତ ଯୁବ ଓ ଭେଟେରାନ ସଦସ୍ୟ ସହଯୋଗ କରୁଛନ୍ତି ।


ନୟାଗଡ଼ ଜିଲା ଜାମୁସାହିରେ ଜଣେ ମହିଳା ବିକ୍ରି କରିବା ପାଇଁ ଶିଆଳି ପତ୍ରରେ ଖଲି ସିଲାଇ କରୁଛନ୍ତି ।


ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ କାଦୁଆ ଗାଁ ସ୍ଥିତ ଗତିଶ୍ୱରମହାଦେବଙ୍କ ବେଢାରେ ଥିବା ଆମ୍ବଗଛରେ ଏବେ ବଉଳ ଆସିଛି ।



ଆସନ୍ତା ୨୦ ତାରିଖରେ ରଥଯାତ୍ରା, ନୟାଗଡ ପୁରୁଣା ସହରରେ ୩ ରଥ ନିର୍ମାଣ ଚାଲିଛି ।

